Odia Daily

www.theutkalsamachar.com

ଉତ୍କଳ ସମାଚାର

ବୈପ୍ଳବିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR

Postal Regn. No.OR/SUN-07/2007-09 ◆ RNI. Regd. No.ORIORI/2004/17448

Vol - 21 Issue No:335 4 April 2026 (Saturday) Rourkela Rs.2.00 Page -1 ୨୧ ବର୍ଷ ସଂଖ୍ୟା:୩୩୫ ୪ ଏପ୍ରିଲ ୨୦୨୬ (ଶନିବାର) ରାଉରକେଲା ମୂଲ୍ୟ:ଟ.୨.୦୦ ପୃଷ୍ଠା-୬

ପୁଣି ଶୁଳ୍କ ଲଗାଇଲେ ଟ୍ରମ୍ପ : ଇସ୍ପାତ, ଆଲୁମିନିୟମ, ତମ୍ବା ଉପରେ ୫୦%

ୱାସିଂଟନ,୩/୪ : ମଧ୍ୟପ୍ରାଚ୍ୟ ଯୁଦ୍ଧର ପ୍ରଭାବ ସହ ସାରା ବିଶ୍ୱ ସଂଘର୍ଷ କରୁଥିବା ବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣି ଥରେ ତାଙ୍କ ଶୁଳ୍କ ଖେଳ ଆରମ୍ଭ କରିଛନ୍ତି । ଇସ୍ପାତ, ଆଲୁମିନିୟମ ଓ ତମ୍ବା ଉପରେ ସେ ୫୦ ପ୍ରତିଶତ ଶୁଳ୍କ ଲଗାଇଛନ୍ତି । ତେବେ ସେ ସ୍ପଷ୍ଟ କରିଛନ୍ତି ଯେ ଆମେରିକାରେ ଉତ୍ପାଦ ବିକ୍ରି ହେବା ବେଳେ ଉକ୍ତ ଶୁଳ୍କ ଲାଗୁ ହେବ । କେଉଁ ପଦ୍ଧତିରେ ତାହା ଲାଗୁ କରାଯିବ ତାହା ଜଣାପଡ଼ିନାହିଁ । ଇସ୍ପାତ, ଆଲୁମିନିୟମ ଓ ତମ୍ବାରେ ତିଆରି ହୋଇଥିବା ଉତ୍ପାଦରେ ଯଦି ଓଜନ ଅନୁସାରେ ଧାତବ ପରିମାଣ ୧୫ ପ୍ରତିଶତରୁ କମ୍ ରହିଥିବ ତେବେ ତାହା ଉପରେ ୫୦ ପ୍ରତିଶତ ଶୁଳ୍କ ଲାଗୁ କରାଯିବ ନାହିଁ । ଏହା ଦ୍ୱାରା ପରଫ୍ୟୁମ ବୋତଲ ଓ ଡେଟାଂଲ୍ ଫ୍ଲସ୍ ଭଳି ଉତ୍ପାଦ ନିର୍ମାତାମାନେ ଲାଭବାନ ହେବେ । କାରଣ ଏକ ଫରଫ୍ୟୁମ୍ ବୋତଲରେ କେବଳ ତାହାର ଠିପି ଆଲୁମିନିୟମରେ ତିଆରି ହୋଇଥାଏ । ସେହିପରି ଡେଟାଂଲ୍ ଫ୍ଲସ୍‌ରେ ମଧ୍ୟ ଧାତବ ପରିମାଣ ନାଁକୁ ମାତ୍ର ରହିଛି । ସେଭଳି ଉତ୍ପାଦ ଉପରେ ଆମେରିକାର ୫୦% ଶୁଳ୍କ ଲାଗିବ ନାହିଁ । କେତେକ ଶିଳ୍ପ ଓ ବିଦ୍ୟୁତ୍ ଗ୍ରିଡ୍ ଉପକରଣ ଉପରେ ଶୁଳ୍କକୁ ୫୦ ପ୍ରତିଶତରୁ ହ୍ରାସ କରି ୧୫ ପ୍ରତିଶତ କରାଯାଇଛି । ସେହିପରି ଓଜନ ଅନୁସାରେ ୧୫ ପ୍ରତିଶତରୁ ଅଧିକ ଇସ୍ପାତ, ଆଲୁମିନିୟମ ଓ ତମ୍ବା ଥିବା ଉତ୍ପାଦ ଉପରେ ଶୁଳ୍କକୁ ୨୫ ପ୍ରତିଶତକୁ ହ୍ରାସ କରାଯାଇଛି । ଏହାଦ୍ୱାରା ୱାସିଂ ମେସିନ୍ ଭଳି ଉତ୍ପାଦ ଉପରେ ଶୁଳ୍କ କମ୍ ହେବ । ଆମେରିକାରେ ଉତ୍ପାଦନ ହୋଇଥିବା ଇସ୍ପାତ, ଆଲୁମିନିୟମ ଓ ତମ୍ବାକୁ ବ୍ୟବହାର କରି ବିଦେଶରେ ଉତ୍ପାଦନ କରାଯାଇଥିବା ଉତ୍ପାଦ ଉପରେ ଶୁଳ୍କ ୧୦ ପ୍ରତିଶତକୁ ହ୍ରାସ ପାଇଛି । ପୂର୍ବରୁ ଆମେରିକା ଏଭଳି ସ୍ପଷ୍ଟ ନୀତି ଆଣି ନଥିବାରୁ ଅଳ୍ପ ପରିମାଣର ଧାତବ ଉପାଦାନ ବ୍ୟବହୃତ ହୋଇଥିବା ସାମଗ୍ରୀ ପଠାଇବାରେ ରପ୍ତାନିକାରୀମାନେ ଅନେକ ଦ୍ୱନ୍ଦ୍ୱ ସାମ୍ନା କରୁଥିଲେ । ଆମେରିକା ସରକାର କହିଛନ୍ତି ଯେ ଟିକସ ନୀତିରେ ହୋଇଥିବା ପରିବର୍ତ୍ତନ ରାଜସ୍ୱକୁ ପ୍ରଭାବିତ କରିବ ନାହିଁ । କିନ୍ତୁ ସମ୍ପୂର୍ଣ୍ଣ ଇସ୍ପାତ, ଆଲୁମିନିୟମ ଓ ତମ୍ବା ଉପରେ ଲଗାଯାଇଥିବା ୫୦ ପ୍ରତିଶତ ଟିକସକୁ ଅଧିକ ରାଜସ୍ୱ ମିଳିବା ସମ୍ଭାବନା ରହିଛି ।

ପୁଣି ଆତଙ୍କୀ ହାମଲା ; ୫ ମୃତ

ଇସଲାମାବାଦ,୩/୪ : ପାକିସ୍ତାନରେ ପୁଣି ଥରେ ଆତଙ୍କୀ ଆକ୍ରମଣ ହୋଇଥିବା ଘଟଣା ଶୁକ୍ରବାର ସାମ୍ନାକୁ ଆସିଛି । ଏକ କାର୍ ପୁଲିସ ଥାନାରେ ଧକ୍କା ହେବା ପରେ ଖୁବ୍ ଜୋରରେ ବିସ୍ଫୋରଣ ହୋଇଛି । ଏହି ଘଟଣାରେ ୫ ଜଣଙ୍କ ମୃତ୍ୟୁ ଘଟିଛି । ଥାନା ମଧ୍ୟ ସମ୍ପୂର୍ଣ୍ଣ ରୁପେ କ୍ଷତିଗ୍ରସ୍ତ ହୋଇଛି । ବିସ୍ଫୋରଣ ଏତେ ଜୋରରେ ଥିଲା ଯେ, ଥାନା ସହ ଆଖପାଖର ଘର ଓ ଛାତ, କାନ୍ଥ ମଧ୍ୟ କ୍ଷୟକ୍ଷତି ହୋଇଛି । ଏହି ଆକ୍ରମଣ ପାକିସ୍ତାନର ଅଶାନ୍ତ ଉତର-ପଶ୍ଚିମ ପ୍ରାନ୍ତର ଖେବର ପଖତୁନଖ୍ୱାର ବାନ୍ନୁ ଜିଲ୍ଲାରେ ଗୁରୁବାର ବିଳମ୍ବିତ ରାତିରେ ଏହି ଆତଙ୍କବାଦୀ ଆକ୍ରମଣ ଘଟିଥିଲା । ମୃତଦେହ ବ୍ୟବଚ୍ଛେଦ ପରେ ପୁଲିସ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି । ପାକିସ୍ତାନର ଡୋମେଲ ତହସିଲରେ ଏକ ପୁଲିସ ଷ୍ଟେସନକୁ ଟାର୍ଗେଟ କରି ଆତ୍ମଘାତୀ ଆକ୍ରମଣ ହୋଇଥିବା ଜଣାପଡ଼ିଛି । ଏହି ଆକ୍ରମଣରେ ମୃତ୍ୟୁବରଣ କରିଥିବା ଲୋକଙ୍କ ମଧ୍ୟରେ ତିନି ଜଣ ମହିଳା ଏବଂ ଜଣେ ଶିଶୁ ଅଛନ୍ତି । ଆତ୍ମଘାତୀ ବିସ୍ଫୋରଣକାରୀ ଦ୍ରୁତ ଗତିରେ ବିସ୍ଫୋରକ ଭର୍ତ୍ତି ଏକ କାର ଚଳାଇ ପୁଲିସ ଷ୍ଟେସନର କାନ୍ଥରେ ପିଟି ଦେଇଥିଲେ । ଧକ୍କା ହେବା ପରେ କାରଟି ବିସ୍ଫୋରଣ ହୋଇଥିଲା । ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ ଏହାର ପ୍ରତିଧ୍ୱନି ଦୂର ଦୂରାନ୍ତ ଅଚଂଳରେ ଶୁଣାଯାଇଥିଲା । ବିସ୍ଫୋରଣ ଶବ୍ଦରେ ଭୟଭୀତ ହୋଇ ଲୋକମାନେ ଘଟଣାସ୍ଥଳକୁ ଧାଇଁ ଆସିଥିଲେ ।

ଜଳପାଇଗୁଡ଼ିରେ ଟ୍ରେନରୁ ୧୪ ଜଣ ବାଂଲାଦେଶୀ ଗିରଫ

ଜଳପାଇଗୁଡ଼ି,୩/୪ : ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପୂର୍ବରୁ ରେଳ ସୁରକ୍ଷା ବଳ (ଆରପିଏଫ) ଏକ ବଡ଼ ସଫଳତା ହାସଲ କରିଛି । ଜଳପାଇଗୁଡ଼ି ରୋଡ୍ ଷ୍ଟେସନରେ କାମାକ୍ଷା-ଆନନ୍ଦ ବିହାର ନର୍ଥ ଇଷ୍ଟ ଏକ୍ସପ୍ରେସରେ ବିଳମ୍ବିତ ରାତିରେ କରାଯାଇଥିବା ଏକ ଅଭିଯାନରେ କାର୍ଯ୍ୟ କରି ୧୪ ଜଣ ବାଂଲାଦେଶୀ ନାଗରିକଙ୍କୁ ଗିରଫ କରାଯାଇଛି । ଗିରଫ ବ୍ୟକ୍ତିମାନଙ୍କ ମଧ୍ୟରେ ମହିଳା ଏବଂ ଶିଶୁ ମଧ୍ୟ ଅଛନ୍ତି । ଆରପିଏଫ ସୂତ୍ର ଅନୁଯାୟୀ, ଏକ ଗୁପ୍ତ ସୂଚନା ଆଧାରରେ ପୂର୍ବରୁ ନଜର ରଖାଯାଇଥିଲା । ଷ୍ଟେସନରେ ଟ୍ରେନ ପହଚିଂବା ମାତ୍ରେ ସାଧାରଣ କୋଚଗୁଡ଼ିକରେ ଏକ ତଲାସୀ ଅଭିଯାନ କରାଯାଇଥିଲା । ଏହି କାର୍ଯ୍ୟ ସମୟରେ, ୧୪ ଜଣ ସନ୍ଦିଗ୍ଧଙ୍କୁ ଚିହ୍ନଟ କରାଯାଇଥିଲା ।

ସବ୍-ଜୋନାଲ୍ ମାଓ କମାଣ୍ଡର ସୁରେନ୍ଦ୍ର ଲୋହାରଙ୍କ ଆତ୍ମସମର୍ପଣ

ବିଶ୍ରା,୩/୪(ନି/ପ୍ର) : ମାଓବାଦୀଙ୍କ ବିରୋଧରେ ପୁଲିସଙ୍କ ନିରନ୍ତର ଅଭିଯାନର ପ୍ରଭାବ ଦେଖିବାକୁ ମିଳିଛି । ଝାଡ଼ଖଣ୍ଡ ଜନମୁକ୍ତି ପରିଷଦ (ଜେଜେଏମପି)ର ସବ୍-ଜୋନାଲ କମାଣ୍ଡର ସୁରେନ୍ଦ୍ର ଲୋହରା ଓରଫ ଟାଇଗର ଗୁରୁବାର ପୁଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି । ୫ ଲକ୍ଷ ଟଙ୍କାର ପୁରସ୍କାର ଘୋଷିତ ଏହି ମାଓ କମାଣ୍ଡର ପାଲାମୁ ଆଇଜି ଶୈଳେନ୍ଦ୍ର ସିହ୍ନା ଏବଂ ଲାତେହାର ଏସପି କୁମାର ଗୌରବଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି । ସୁରେନ୍ଦ୍ର ଲୋହରା ଲାତେହାର ସଦର ଥାନା ଅଚଂଳର ମାଞ୍ଜର ଗାଁର ବାସିନ୍ଦା ଓ ସେ ଗତ ୨୦ ବର୍ଷ ଧରି ବିଭିନ୍ନ ମାଓ ସଂଗଠନରେ ସକ୍ରିୟ ରହିଥିଲେ । ଲାତେହାର ଏସପି କୁମାର ଗୌରବଙ୍କ ନେତୃତ୍ୱରେ ଗତ କିଛି ଦିନ ଧରି ମାଓ ବିରୋଧରେ ବ୍ୟାପକ ଅଭିଯାନ ଚାଲିଥିଲା । ଏହି ଅଭିଯାନରେ ପୂର୍ବରୁ ଦୁର୍ବଳ ହୋଇପଡ଼ିଥିବା ମାଓବାଦୀମାନଙ୍କୁ ଆତ୍ମସମର୍ପଣ ପାଇଁ ଶେଷ ସୁଯୋଗ ଦିଆଯାଇଥିଲା । ଝାଡ଼ଖଣ୍ଡ ସରକାରଙ୍କ ଆତ୍ମସମର୍ପଣ ନୀତି ବିଷୟରେ ଜାଣିବା ପରେ ସୁରେନ୍ଦ୍ର ପୁଲିସ ସହ ସମ୍ପର୍କ କରିଥିଲେ । ଆତ୍ମସମର୍ପଣ ପରେ ସରକାରଙ୍କ ପକ୍ଷରୁ ମିଳୁଥିବା ସମସ୍ତ ସୁବିଧା ଦିଆଯିବ ବୋଲି ପ୍ରତିଶ୍ରୁତି ମିଳିଥିଲା ।

ସମୁଦ୍ରରେ ବଢ଼ିବ ଭାରତର ଶକ୍ତି

ନୌସେନାରେ ସାମିଲ ହେଲା ଆଇଏନଏସ ଅରିଦମନ

ନୂଆଦିଲ୍ଲୀ,୩/୪ : ଭାରତର ସାମୁଦ୍ରିକ ଶକ୍ତି ହେବ ଆହୁରି ମଜଭୁତ । ନୌସେନାରେ ସାମିଲ ହେଲା ସ୍ୱଦେଶୀ ପରମାଣୁ ବୁଡ଼ାଜାହାଜ ଓଘଝ ଅରିଦମନ । ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଆଜି ଓଘଝ ଅରିଦମନକୁ ଭାରତୀୟ ନୌସେନାରେ ସାମିଲ କରିଛନ୍ତି । ସାମୁଦ୍ରିକ ଶକ୍ତି ଦୃଷ୍ଟିରୁ ଏହା ଭାରତ ପାଇଁ ଏକ ବଡ଼ ପଦକ୍ଷେପ ବୋଲି ବିବେଚନା କରାଯାଉଛି । ଏହା ଭାରତର ତୃତୀୟ ସ୍ୱଦେଶୀ ନିର୍ମିତ ପରମାଣୁ ବାଲିଷ୍ଟିକ ବୁଡ଼ାଜାହାଜ । ଓଘଝ ଅରିଦମନକୁ ନୌସେନାରେ ସାମିଲ କରିବା ପୂର୍ବରୁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ 'ଏକ୍ସ' ରେ ଏକ ପୋଷ୍ଟ କରିଛନ୍ତି । ଏହି ପୋଷ୍ଟରେ ସେ କହିଛନ୍ତି ଯେ, 'ଶବ୍ଦ ନୁହେଁ ଶକ୍ତି ହେଉଛି ଅରିଦମନ' । ଘରୋଇ କମ୍ପାନୀ ଏଲ୍ ଆଣ୍ଡ ଟି ଦ୍ୱାରା ନିର୍ମିତ ଏବଂ ବିଶାଖାପାଟଣାର ଗୁପ୍ତ ଜାହାଜ ନିର୍ମାଣ କେନ୍ଦ୍ରରେ ତିଆରି ହୋଇଥିବା ଏହି ବୁଡ଼ାଜାହାଜର କିଛି ମାସ ଧରି ସମୁଦ୍ରରେ ପରୀକ୍ଷଣ ଚାଲିଥିଲା । ନୌସେନାରେ ସାମିଲ ହେବା ପରେ ଏହା ଭାରତର ଟ୍ରାଇ-ସର୍ଭିସ୍ ନ୍ୟୁକ୍ଲିୟର ଡିଟରେନ୍ସ କମାଣ୍ଡ, ଷ୍ଟ୍ରାଟେଜିକ୍ ଫୋର୍ସ କମାଣ୍ଡ ଅଧୀନରେ ନିଜର ଦୁଇଟି ସହଯୋଗୀ ବୁଡ଼ାଜାହାଜ ସହିତ ଯୋଗଦେବ । ଓଘଝ ଅରିଦମନ ଶେଷ ପର୍ଯ୍ୟାୟର ଟ୍ରାଏଲକୁ ସଫଳତାର ସହ ଶେଷ କରିବା ପରେ ଆଜି ନୌସେନାରେ ସାମିଲ ହେବ । ଏହାପୂର୍ବରୁ, ସମାନ ଶ୍ରେଣୀର ଆଇଏନଏସ୍ ଅରିହନ୍ତକୁ ୨୦୧୬ରେ ଏବଂ ଆଇଏନଏସ୍ ଅରିଘାତକୁ ୨୦୨୪ରେ ନୌସେନାରେ ସାମିଲ କରାଯାଇଥିଲା । ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଉନ୍ନତ ଯୁଦ୍ଧ ଜାହାଜ 'ତାରାଗିରି'କୁ ବିଶାଖାପାଟଣାରେ ନୌସେନାରେ ସାମିଲ କରିବାକୁ ଯାଉଛନ୍ତି । ପୂର୍ବ ନୌସେନା କମାଣ୍ଡର ଜଣେ ଅଧିକାରୀଙ୍କ ସୂଚନା ଅନୁଯାୟୀ, ନୌସେନା ଡକୟାର୍ଡରେ ବରିଷ୍ଠ ନୌସେନା ଅଧିକାରୀ ଏବଂ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ।

ପଶ୍ଚିମବଙ୍ଗ ନିର୍ବାଚନ ପ୍ରାର୍ଥୀପତ୍ର ଦାଖଲ : ସାମିଲ ହେଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୩/୪(ନି/ପ୍ର) : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପଶ୍ଚିମବଙ୍ଗରେ ବିଜେପି ପାଇଁ ନିର୍ବାଚନ ପ୍ରଚାରରେ ସାମିଲ ହୋଇଛନ୍ତି । ଆଜି ମୁଖ୍ୟମନ୍ତ୍ରୀ ଦିନିକିଆ ପଶ୍ଚିମବଙ୍ଗ ଗସ୍ତରେ ଯାଇ ବୀରଭୂମ ଜିଲ୍ଲାର ଚାରି ଜଣ ପ୍ରାର୍ଥୀଙ୍କ ପ୍ରାର୍ଥୀପତ୍ର ଦାଖଲରେ ସାମିଲ ହୋଇଥିଲେ । ଏହି ଅବସରରେ ବୀରଭୂମ ଜିଲ୍ଲାର ରାମପୁରହାଟସ୍ଥିତ କାଳୀମନ୍ଦିର ନିକଟସ୍ଥ ସଂଘତା ମୋଡ଼ଠାରୁ ଏସ୍‌ଡିଓ ଅଫିସ ପର୍ଯ୍ୟନ୍ତ ପ୍ରାର୍ଥୀମାନେ ଏକ ବିଶାଳ ଶୋଭାଯାତ୍ରାରେ ଯାଇଥିଲେ । ଏଥିରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଯୋଗ ଦେଇ ପ୍ରାର୍ଥୀମାନଙ୍କୁ ଉତ୍ସାହିତ କରିଥିଲେ । ପ୍ରାର୍ଥୀପତ୍ର ଦାଖଲ କରିଥିବା ଚାରି ପ୍ରାର୍ଥୀ ହେଲେ ରାମପୁରହାଟ ବିଧାନସଭା ଆସନରୁ ଧ୍ରୁବ ଶାହା, ହଂସନ ଆସନରୁ ନିଖିଲ ବାନାର୍ଜୀ, ନଲହାଟୀ ଆସନରୁ ଅନିଲ ସିଂହ ଏବଂ ମୁରାରଇ ଆସନରୁ ରିଙ୍କି ଘୋଷ । ସୂଚନାଯୋଗ୍ୟ, ପୂର୍ବରୁ ଥରେ ମୁଖ୍ୟମନ୍ତ୍ରୀ ପଶ୍ଚିମବଙ୍ଗ ଯାଇ ବିଜେପି ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିଥିଲେ । ଓଡ଼ିଶାରୁ ବିଜେପିର ବହୁ ନେତା, ବିଧାୟକ ଓ ମନ୍ତ୍ରୀଙ୍କୁ ପଶ୍ଚିମବଙ୍ଗର ବିଭିନ୍ନ ନିର୍ବାନମଣ୍ଡଳୀରେ ନିର୍ବାଚନ ପରିଚାଳନା ଦାୟିତ୍ୱ ଦିଆଯାଇଛି ।

ବ୍ରିଟେନର ହର୍ମୁଜ ପ୍ରଣାଳୀ ସମ୍ମିଳନୀ : ଭାରତ କହିଲା ନାବିକ ହରାଇବାରେ ଆମେ ଏକମାତ୍ର ଦେଶ

ନୂଆଦିଲ୍ଲୀ,୩/୪ : ଗୁରୁତ୍ୱପୂର୍ଣ୍ଣ ହର୍ମୁଜ ପ୍ରଣାଳୀ ଖୋଲିବାକୁ ନେଇ ବ୍ରିଟେନ ଡାକି ଥିବା ବୈଠକରେ ଭାରତ ଅଂଶଗ୍ରହଣ କରିଛି । ଗୁରୁବାର ଅନୁଷ୍ଠିତ ବୈ?ଠକରେ ଭାରତ କହିଛି ଯେ, ହର୍ମୁଜ ପ୍ରଣାଳୀରେ ନାବିକ ହରାଇବାରେ ଏହା ଏକମାତ୍ର ଦେଶ । ନୂଆଦିଲ୍ଲୀ ମଧ୍ୟ ସାମୁଦ୍ରିକ ନୌଚାଳନା ସ୍ୱାଧୀନତାର ନୀତିର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲା । ୬୦ ରୁ ଅଧିକ ଦେଶ ଯୋଗ ଦେଇଥିବା ଏହି ଭର୍ଚୁଆଲ୍ ସମ୍ମିଳନୀରେ ବୈଦେଶିକ ସଚିବ ବିକ୍ରମ ମିଶ୍ରି ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ । ମଧ୍ୟପ୍ରାଚ୍ୟରେ ଚାଲିଥିବା ବିବାଦର ସମାଧାନ ପାଇଁ କୂଟନୀତି ସବୁଠାରୁ ସମ୍ଭାବ୍ୟ ପଥ ବୋଲି ବୈଦେଶିକ ସଚିବ ଭାରତର ସରକାରଙ୍କ ମତକୁ ଦୋହରାଇଥିଲେ । ଉତେଜନା ହ୍ରାସ କରିବା ଏବଂ ସମସ୍ତ ସମ୍ପୃକ୍ତ ପକ୍ଷଙ୍କ ମଧ୍ୟରେ କୂଟନୀତି ଏବଂ ଆଲୋଚନାର ପଥକୁ ଫେରିବା ଏହି ସଙ୍କଟରୁ ବାହାରିବାର ଏକମାତ୍ର ମାର୍ଗ ବୋଲି ଭାରତ କହିଥିଲା । ଖବର ସରବରାହ ସଂସ୍ଥା ଏଏନ୍ ?ଆଇ ସୂତ୍ରରୁ ମିଳିଥିବା ରିପୋର୍ଟ ଅନୁଯାୟୀ ମିଶ୍ରି, ଭାରତର ଶକ୍ତି ସୁରକ୍ଷା ଉପରେ ସଙ୍କଟର ପ୍ରଭାବ ଉପରେ ଗୁରୁତ୍ୱାରୋପ କରିବା ସହିତ ଭାରତ ଏକମାତ୍ର ଦେଶ ଯିଏକି ଉପସାଗରରେ ବାଣିଜ୍ୟିକ ଜାହାଜ ଉପରେ ଆକ୍ରମଣରେ ଏହାର ନାବିକମାନଙ୍କୁ ହରାଇଛି ବୋଲି କହିଥିଲା । ଜାହାଜ ଚଳଚଳ ନିର୍ଦ୍ଦେଶାଳୟ ତଥ୍ୟ ଅନୁଯାୟୀ, ଭାରତ ୩ ଜଣ ନାବିକ ହର୍ମୁଜ ପ୍ରଣାଳୀରେ ଆକ୍ରମଣ ଯୋଗୁ ନିହତ ହୋଇଛନ୍ତି । ଏମାନେ ସମସ୍ତେ ବିଦେଶୀ ପତାକା ବହନ କରୁଥିବା ଜାହାଜରେ କାମ କରୁଥିଲେ । ବିଶ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଶକ୍ତି କରିଡର ମଧ୍ୟରୁ ଗୋଟିଏ ହର୍ମୁଜ ପ୍ରଣାଳୀରେ ସ୍ଥିରତା ସୁନିଶ୍ଚିତ କରିବା ପାଇଁ ଦେଶଗୁଡ଼ିକ ସମନ୍ୱୟ ବୃଦ୍ଧି କରିବାକୁ ବ୍ରିଟେନ ନେତୃତ୍ୱରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା । ବିଦେଶ ମନ୍ତ୍ରଣାଳୟ ଅନୁଯାୟୀ, ଜାହାଜ ଚଳାଚଳ ରାସ୍ତା ଖୋଲା ରଖିବାକୁ ଭାରତ ମଧ୍ୟ ଇରାନ ସମେତ ମଧ୍ୟପ୍ରାଚ୍ୟର ଆଚଂଳିକ ଦେଶମାନଙ୍କ ସହିତ ଯୋଗାଯୋଗ କରୁଛି । ବ୍ରିଟେନର ବୈଦେଶିକ ସଚିବ ୟେଭେଟ୍ କୁପରଙ୍କ ଅନୁଯାୟୀ, ଆଲୋଚନାର ଉଦ୍ଦେଶ୍ୟ ଥିଲା ହର୍ମୁଜ୍ ପ୍ରଣାଳୀକୁ ପୁନଃ ଖୋଲିବା ପାଇଁ ଅନ୍ତର୍ଜାତୀୟ ଦୃଢ଼ତାର ଶକ୍ତି ପ୍ରଦର୍ଶନ କରିବା । ବ୍ରିଟେନର ବିଦେଶ ମନ୍ତ୍ରୀ କହିଛନ୍ତି, ତୈଳର ଅଭାବ ଯୋଗୁଁ ବିଶ୍ୱରେ ପ୍ରତ୍ୟେକ ଦେଶରେ ଦରଦାମ ବୃଦ୍ଧି ଯୋଗୁଁ ଘରୋଇ ଓ ବ୍ୟବସାୟ ଉଭୟ ପ୍ରଭାବିତ ହୋଇଛନ୍ତି ।

୧୨ ଜିଲାକୁ ୟେଲୋ ୱାର୍ଣ୍ଣିଂ ଜାରି

ଭୁବନେଶ୍ୱର,୩/୪(ନି/ପ୍ର) : ରାଜ୍ୟରେ ୮ ତାରିଖ ଯାଏ ବର୍ଷା ନେଇ ପାଣିପାଗ ବିଭାଗ ସତର୍କତା ଜାରି କରିଛି । ବିଜୁଳି, ଘଡ଼ଘଡ଼ି ସହ ବର୍ଷା ନେଇ ଆସନ୍ତାକାଲି ପାଇଁ ୧୨ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି । ସେହି ସବୁ ଜିଲାଗୁଡିକ ହେଲା ମୟୂରଭଞ୍ଜ, କେନ୍ଦୁଝର, କଳାହାଣ୍ଡି, ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରି, କନ୍ଧମାଳ, ନୂଆପଡ଼ା, ନବରଙ୍ଗପୁର, ବଲାଙ୍ଗୀର । ଏହି ସବୁ ଜିଲାରେ ବିଜୁଳି, ଘଡ଼ଘଡ଼ି ସହ ବର୍ଷା ହୋଇପାରେ ।

ଭୁବନେଶ୍ୱରରେ ଲେଡ଼ିଜ ହଷ୍ଟେଲ ଉପରେ ବୋମାମାଡ଼

ଭୁବନେଶ୍ୱର,୩/୪(ନି/ପ୍ର) : ପୁଣି ଅଶାନ୍ତ ହେଲା ଲକ୍ଷ୍ମୀସାଗର ଅଚଂଳ । ଲେଡ଼ିଜ ହଷ୍ଟେଲ ଉପରକୁ ବୋମାମାଡ଼ କଲେ ୨ଦୁର୍ବୃତ । କିଛିଦିନ ଅନ୍ତରାଳ ପରେ ଭୁବନେଶ୍ୱର ଲକ୍ଷ୍ମୀସାଗର ଅଚଂଳ ଅଶାନ୍ତ ହୋଇ ଉଠିଛି । ଗୋଟିଏ ଲେଡ଼ିଜ ହଷ୍ଟେଲ ଉପରକୁ ଦୁଇଜଣ ଦୁର୍ବୃନ୍ତ ଆସି ବୋମାମାଡ଼ କରିଛନ୍ତି । ଯାହାର ସମ୍ପୂର୍ଣ୍ଣ ଭିଡିଓ ସିସିଟିଭିରେ କଏଦ ହୋଇଛି । ଉକ୍ତ ହଷ୍ଟେଲରେ ଭଡ଼ାରେ ରହୁଥିବା ଦୁଇଜଣ ମହିଳା ଏଥିରେ ଆହତ ହୋଇଛନ୍ତି । ତେବେ ଜମିବାଡ଼ି ମାମଲାକୁ ନେଇ ଦୁର୍ବୃନ୍ତ ଦୁଇଜଣ ବୋମାମାଡ଼ କରିଥିବା ସୂଚନା ମିଳିଛି । ସିସିଟିଭି ଭିଡିଓକୁ ଆଧାର ପୁଲିସ ତଦନ୍ତ ଆରମ୍ଭ କରିଛି ।

ରୁଷ୍-ଭାରତ ଦ୍ୱିପାକ୍ଷିକ କଥାବାର୍ତ୍ତା :

ଅଧିକ ତୈଳ ଓ ପ୍ରାକୃତିକ ଗ୍ୟାସ ଯୋଗାଣ କରିବାକୁ ମସ୍କୋର ପ୍ରସ୍ତାବ

ନୂଆଦିଲ୍ଲୀ,୩/୪ : ଭାରତ-ରୁଷ୍ ଦ୍ୱିପାକ୍ଷିକ କଥାବାର୍ତ୍ତା ପରେ ମସ୍କୋ ଭାରତକୁ ଅଧିକ ତୈଳ ଓ ପ୍ରାକୃତିକ ଗ୍ୟାସ୍ ଯୋଗାଣ କରିବାକୁ ପ୍ରସ୍ତାବ ଦେଇଛି । ଗୁରୁବାର ରୁଷର ପ୍ରଥମ ଉପ ପ୍ରଧାନମନ୍ତ୍ରୀ ଡେନିସ୍ ମାନ୍ଟୁରୋଭ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ବିଦେଶ ମନ୍ତ୍ରୀ ଏସ୍ ଜୟଶଙ୍କରଙ୍କୁ ଭେଟି ଶକ୍ତି ଏବଂ ସାର ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ସହଯୋଗକୁ ଆଗକୁ ବଢାଇବା ପାଇଁ ଆଲୋଚନା କରିଛନ୍ତି । ମୋଦୀ ସାମାଜିକ ଗଣମାଧ୍ୟମରେ ଲେଖିଛନ୍ତି ଯେ, ସେ ଓ ମାନ୍ଟୁରୋଭ ବାଣିଜ୍ୟ, ସାର, ସଂଯୋଗୀକରଣ ଏବଂ ଲୋକ-ଲୋକ ସମ୍ପର୍କରେ ପାରସ୍ପରିକ ଲାଭଦାୟକ ସହଯୋଗ ଉପରେ କଥାବାର୍ତ୍ତା କରିଛନ୍ତି । ଗତ ଡିସେମ୍ବରରେ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ନୂଆଦିଲ୍ଲୀ ଗସ୍ତ ସମୟରେ ଅନୁଷ୍ଠିତ ଭାରତ-ରୁଷ ଶିଖର ସମ୍ମିଳନୀର ଫଳାଫଳକୁ କାର୍ଯ୍ୟକାରୀ କରିବା ପାଇଁ ଉଭୟ ଦେଶ ଦ୍ୱାରା ନିରନ୍ତର ପ୍ରୟାସକୁ ମୋଦୀ ପ୍ରଶଂସା କରିଛନ୍ତି । ମାନ୍ଟୁରୋଭଙ୍କ ସହ ତାଙ୍କର ସାକ୍ଷାତ ପରେ ଜୟଶଙ୍କର କହିଛନ୍ତି ଯେ, ଦୁଇ ପକ୍ଷ ବାଣିଜ୍ୟ, ଶିଳ୍ପ, ଶକ୍ତି, ସାର, ସଂଯୋଗୀକରଣ ଏବଂ ଗତିଶୀଳତା କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗ ଉପରେ ଗୁରୁତ୍ୱ ଦେଇଛନ୍ତି । ସେମାନେ ପ୍ରଯୁକ୍ତିବିଦ୍ୟା, ନବସୃଜନ ଏବଂ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ କ୍ଷେତ୍ରରେ ନୂତନ ସୁଯୋଗ ଅନୁସନ୍ଧାନ କରୁଛନ୍ତି ବୋଲି ଜୟଶଙ୍କର ସାମାଜିକ ଗଣମାଧ୍ୟମ ପୋଷ୍ଟରେ କହିଛନ୍ତି । ମାନ୍ଟୁରୋଭ ଏବଂ ଜୟଶଙ୍କର ପଶ୍ଚିମ ଏସିଆର ସଂଘର୍ଷ ସମେତ ଆଚଂଳିକ ଏବଂ ବିଶ୍ୱର ବିକାଶ ଉପରେ ମଧ୍ୟ ଆଲୋଚନା କରିଥିଲେ । ରୁଷ ଦୂତାବାସ ଏକ ବିବୃତିରେ କହିଛି ଯେ ମାନ୍ଟୁରୋଭ ସୁନିଶ୍ଚିତ କରିଛନ୍ତି ଯେ, ରୁଷ କମ୍ପାନୀଗୁଡ଼ିକ ଭାରତୀୟ ବଜାରରେ ତୈଳ ଏବଂ ତରଳୀକୃତ ପ୍ରାକୃତିକ ଗ୍ୟାସର ଯୋଗାଣକୁ ନିରନ୍ତର ବୃଦ୍ଧି କରିବାର କ୍ଷମତା ରଖିଛନ୍ତି । ମାନ୍ଟୁରୋଭ କହିଛନ୍ତି, ରୁଷ୍ ୨୦୨୫ ଶେଷ ସୁଦ୍ଧା ଭାରତରେ ଚାହିଦା ଥିବା ଖଣିଜ ସାରର ଯୋଗାଣ ୪୦ ପ୍ରତିଶତ ବୃଦ୍ଧି କରିଛି । ଆଗକୁ ମଧ୍ୟ ରୁଷ୍ ଭାରତର ଆବଶ୍ୟକତା ପୂରଣ କରିବ । ଆମେରିକା ରୁଷ୍ ତୈଳ ଉପରେ କଟକଣା ହଟେଇବା ପରେ ମସ୍କୋ ଭାରତ ପାଇଁ ସର୍ବବୃହତ ଶକ୍ତି ଯୋଗାଣକାରୀ ପାଲଟିଛି ।

୧୬ରୁ ସଂସଦର ସ୍ୱତନ୍ତ୍ର ଅଧିବେଶନ :

ମହିଳା କୋଟା ଆସନ ବୃଦ୍ଧି ନେଇ ବିଲ୍ ଆଣିପାରନ୍ତି ସରକାର

ନୂଆଦିଲ୍ଲୀ,୩/୪ :କେନ୍ଦ୍ର ସରକାର ଆସନ୍ତା ଏପ୍ରିଲ ୧୬ରୁ ୧୮ ତାରିଖ ପର୍ଯ୍ୟନ୍ତ ସଂସଦର ଏକ ସ୍ୱତନ୍ତ୍ର ଅଧିବେଶନ ଡାକି ପାରନ୍ତି । ଲୋକସଭାରେ ଆସନ ସଂଖ୍ୟା ୮୧୬କୁ ବୃଦ୍ଧି କରିବା ପାଇଁ ଏବଂ ସେଥିମଧ୍ୟରୁ ୨୭୩ଟି ଆସନ ମହିଳାଙ୍କ ପାଇଁ ସଂରକ୍ଷିତ ରଖିବାକୁ କେନ୍ଦ୍ର ସରକାର ଏହି ସ୍ୱତନ୍ତ୍ର ଅଧିବେଶନରେ ବିଲ୍ ଆଣି ପାରନ୍ତି । ଉଲ୍ଲେଖଯୋଗ୍ୟ, ବଜେଟ୍ ଅଧିବେଶନର ଆଜି ଶେଷ ଦିନ ଥିଲା । କିନ୍ତୁ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ସ୍ପଷ୍ଟ କରିଛନ୍ତି ଯେ ବଜେଟ୍ ଅଧିବେଶନ ପୂର୍ବ ନିର୍ଦ୍ଧାରିତ ସମୟ ଅନୁଯାୟୀ ଆଜି ଶେଷ ହୋଇନାହିଁ । ବରଂ ଏଥିରେ ବିରତି ନିଆଯାଉଛି ଏବଂ ଖୁବ୍‌ଶୀଘ୍ର ପୁଣିଥରେ ବଜେଟ୍ ଅଧିବେଶନ ଆରମ୍ଭ ହେବ । ଉଲ୍ଲେଖଯୋଗ୍ୟ, ଆଗକୁ ବିଭିନ୍ନ ରାଜ୍ୟରେ ବିଧାନସଭା ନିର୍ବାଚନ ଥିବାବେଳେ ଏହା ପୂର୍ବରୁ ସରକାରଙ୍କ ଏହି ପଦକ୍ଷେପକୁ ବିରୋଧୀ ଦଳଗୁଡ଼ିକ ବିରୋଧ କରିଛନ୍ତି । ଯଦିଓ ଗୃହମନ୍ତ୍ରୀ ଅମିତ ଶାହ କିଛି ଏନ୍‌ଡିଏ ସହଯୋଗୀ ଓ ଅଣ-କଂଗ୍ରେସ ନେତାମାନଙ୍କ ସହ ଉକ୍ତ ପ୍ରସଙ୍ଗରେ ଗତ ସପ୍ତାହରେ ଆଲୋଚନା କରିଛନ୍ତି, କିନ୍ତୁ କଂଗ୍ରେସ ଏବଂ ଟିଏମ୍‌ସି ସହ ଏ ନେଇ କୌଣସି ଯୋଗାଯୋଗ କରାଯାଇନାହିଁ । ସରକାରଙ୍କର ଏହି ପ୍ରସ୍ତାବକୁ କଂଗ୍ରେସ ଦଳ ବିରୋଧ କରିଥିବା ଜଣାପଡ଼ିଛି । ବିରୋଧୀ ଦଳଗୁଡ଼ିକ ମଧ୍ୟ ଏ ପ୍ରସଙ୍ଗରେ ଏକ ସର୍ବଦଳୀୟ ବୈଠକ କରିବାକୁ ଦାବି କରିଛନ୍ତି ।

କେନ୍ଦୁଝର ସମାଚାର
A.R. KHAN
ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122

ଜିଲ୍ଲା ପର୍ଯ୍ୟଟନ କାର୍ଯ୍ୟାଳୟର କର୍ମଚାରୀଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା

କେନ୍ଦୁଝର, ୩/୪(ନି/ପ୍ର): ଜିଲ୍ଲା ପର୍ଯ୍ୟଟନ କାର୍ଯ୍ୟାଳୟରେ ଚପରାଶି ଭାବେ କାର୍ଯ୍ୟରତ ଥିବା ଶ୍ରୀ ପ୍ରଶାନ୍ତ କୁମାର ନାଏକ ଗତକାଲି ସରକାରୀ ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ଶ୍ରୀ ନାଏକ ତାଙ୍କର ଦୀର୍ଘ ୩୩ ବର୍ଷର କାର୍ଯ୍ୟକାଳ ମଧ୍ୟରେ ଆନ୍ତରିକତା, ଶୃଙ୍ଖଳା ଏବଂ ଦୃଢ଼ କର୍ତବ୍ୟବୋଧ ସହିତ ଜିଲ୍ଲା ପ୍ରଶାସନର ସେବା କରି ବେଶ ପ୍ରଶଂସା ସାଉଁଟିଥିଲେ। ଏହି ଅବସରରେ ଆୟୋଜିତ ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ କାର୍ଯ୍ୟାଳୟର ଅଧିକାରୀ ଏବଂ କର୍ମଚାରୀମାନେ ତାଙ୍କୁ ଉଷ୍ମ ବିଦାୟ ଦେଇଥିଲେ ଏବଂ ତାଙ୍କର ଉତମ ସ୍ୱାସ୍ଥ୍ୟ, ସୁଖ ଏବଂ ଅବସର ପରବର୍ତୀ ଶାନ୍ତିପୂର୍ଣ୍ଣ ଜୀବନ କାମନା କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମନ୍ଦରଧର ମହାଲିକ ଶ୍ରୀ ନାଏକଙ୍କୁ ସାଲ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ସହକାରୀ ନିର୍ଦ୍ଦେଶକ ପର୍ଯ୍ୟଟନ ରମେଶ ଚନ୍ଦ୍ର ନାଏକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାୟ, ଜିଲ୍ଲା ପର୍ଯ୍ୟଟନ ଉନ୍ନୟନ ଅଧିକାରୀ ବିନତୀ ମାଝୀ, ନିକ୍ଷେପକ ଦେବେନ୍ଦ୍ର କୁମାର ରାଉତରାୟ, ଗ୍ରନ୍ଥାଗାରିକ ମାନସ କୁମାର ସାହୁ, ସନ୍ଦୀପ କୁମାର ସାହୁ, ମନୋରଞ୍ଜନ ବରାଳ, ବିକ୍ରମ ପାତ୍ର, ସଞ୍ଜୟ ବେହେରା ଓ ନବୀନ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସମସ୍ତ ଅଧିକାରୀ ଓ କର୍ମଚାରୀ ଶ୍ରୀ ନାଏକଙ୍କ ସେବାକୁ ପ୍ରଶଂସା କରିଥିଲେ ଏବଂ ବିଭାଗ ଏବଂ ଜିଲ୍ଲା ପ୍ରଶାସନ ପ୍ରତି ତାଙ୍କର ମୂଲ୍ୟବାନ ଅବଦାନ ପାଇଁ କୃତଜ୍ଞତା ଜଣାଇଥିଲେ।

କୁଣ୍ଡାପିଠା ଶ୍ରୀ ଶ୍ରୀ ରାଧାକୃଷ୍ଣ ମହାପ୍ରଭୁ ଭାଗବତ ଟୁଙ୍ଗିରେ ସାପ୍ତାହିକ ଭାଗବତ ପାରାୟଣ ତୃତୀୟ ଦିବସ

କେନ୍ଦୁଝର, ୩/୪(ନି/ପ୍ର): କେନ୍ଦୁଝର ଜିଲ୍ଲା ଭାଗବତ ପ୍ରଚାର ପ୍ରସାର ସମିତି ସଭାପତି ଆଚାର୍ଯ୍ୟ ଦାଶରଥି ପ୍ରଧାନଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ସୂର୍ଯ୍ୟ ପୂଜା, ଗୁରୁ ପୂଜା ଓ ସର୍ବଦେବମୟୀ ଗୋମାତାଙ୍କ ପୂଜା ସମାପନ କରି ଭାଗବତ ଗାଦି ପୂଜାର୍ଚ୍ଚନା କରି ଭଗବଦ୍ ଗୀତା, ଗୋପାଳ ସହସ୍ରନାମ ତଥା ହନୁମାନ ଚାଳିଶା ପାଠ କରି ଭାଗବତ ଗାଦି ପୂଜାର୍ଚ୍ଚନା ପୂର୍ବକ ଭାଗବତ ପାରାୟଣ ଆରମ୍ଭ କରାଗଲା। ପଣ୍ଡିତ ଅଭିଜିତ୍ ପଣ୍ଡା, ଆଚାର୍ଯ୍ୟ ଦାଶରଥି ପ୍ରଧାନ, ରବୀନ୍ଦ୍ର ପାଢ଼ୀ, ପଣ୍ଡିତ ରାମନାରାୟଣ ଶର୍ମା, ଘଟଗାଁ ବ୍ଲକ ସଭାପତି ଜୟଦେବ ପଣ୍ଡା, ପଣ୍ଡିତ ସୂପୁନ ଶତପଥୀ ଭାଗବତ ପାରାୟଣ କରିଥିଲେ। ମୁଖ୍ୟ ଶ୍ରୋତା ନକୁଳଚନ୍ଦ୍ର ପଲେଇ ଓ ତାଙ୍କର ଧର୍ମପନ୍ନୀ ନିରୁପମା କବି, ପଦ୍ମନାଭ ପଲେଇ ଓ ତାଙ୍କର ଧର୍ମପନ୍ନୀ ଯଶୋଦା ପଲେଇ ଏବଂ ରାଜୁ ପଲେଇ ଓ ତାଙ୍କର ଧର୍ମପନ୍ନୀ ଲିଜା ପଲେଇ, ଗ୍ରାମବାସୀ ବୃନ୍ଦ ତଥା ବ୍ଲକ ସ୍ତରୀୟ ଭାଗବତ ପ୍ରେମୀ ଭକ୍ତମାନେ ଶ୍ରଦ୍ଧା ଓ ଭକ୍ତିର ସହିତ ଭାଗବତ ଶ୍ରବଣ କରିଥିଲେ। ଭାଗବତ ଅଷ୍ଟମ ସ୍କନ୍ଧ ସପ୍ତମ ଅଧ୍ୟାୟରେ ତୃତୀୟ ଦିବସ ପାରାୟଣର ବିଶ୍ରାମ ଦିଆଗଲା। ଅଜାମିଳ ଉପାଖ୍ୟାନ, ବିଶ୍ୱରୂପ ବଧ, ବୃତ୍ରାସୁର ଭଗବତ୍ ପ୍ରାପ୍ତି, ପ୍ରହ୍ଲାଦ ଚରିତ, ଗଜ ଉଦ୍ଧାର ଓ ସମୁଦ୍ର ମନ୍ଥନ ଆଦି ଚରିତକୁ ଉପସ୍ଥିତ ଭକ୍ତ ମାନେ ଧିର ସ୍ଥିର ଚିତରେ ଶ୍ରବଣ କରିଥିଲେ। ସନ୍ଧ୍ୟା ଆଳତି ପରେ ପାଟଣା ବ୍ଲକ ଭାଗବତ ପ୍ରଚାର ପ୍ରସାର ସମିତି ସଭାପତି ପାର୍ଥ ସାରଥୀ ବେଜ ପଠିତ ଅଧ୍ୟାୟ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ତାଙ୍କୁ ସହଯୋଗ କରିଥିଲେ ଉପସଭାପତି ରବିନାରାୟଣ ସିଂ, ହର୍ଷଚନ୍ଦ୍ର ସେଠୀ, ରବୀନ୍ଦ୍ର ପାଢ଼ୀ, ପ୍ରହ୍ଲାଦ ରଣା, ଶୁକଦେବ ନାୟକ, ଭାସ୍କର ଚନ୍ଦ୍ର ରଣା ଓ ଦୀନବନ୍ଧୁ ପାତ୍ର। ଏହି କାର୍ଯ୍ୟକ୍ରମରେ ବାବୁଲାଲ ପଲେଇ, ଗୁରୁଚରଣ ପଲେଇ, ଶିବପ୍ରସାଦ ମହାକୁଡ, ରାଜେନ୍ଦ୍ର ପଲେଇ, ଅର୍ଜୁନ ପଲେଇ, ପ୍ରଫୁଲ୍ଲ ପଲେଇ, ଲୋକନାଥ ପଇଦା ଓ ଭଜ ପଇଦା ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ।

ସେଣ୍ଟ ଜାଭିୟର୍ସ ପବ୍ଲିକ ସ୍କୁଲର ଦଶମ ବାର୍ଷିକ ଉତ୍ସବ

ଭୁବନ, ୩/୪(ନି/ପ୍ର): ଢେଙ୍କାନାଳ ଜିଲ୍ଲା ଭୁବନର ପ୍ରେଷ୍ଟିଜିୟସ(ସମ୍ଭ୍ରାନ୍ତ) ଶିକ୍ଷାକେନ୍ଦ୍ର ଭାବେ ପରିଚିତ ସେଂଟ ଜାଭିୟର୍ସ ପବ୍ଲିକ ସ୍କୁଲର ଦଶମ ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଅଧ୍ୟକ୍ଷା ଶ୍ରୀମତୀ ଏଲୋରା ଚୌଧୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ନଗରପାଳ ଶୁଭେନ୍ଦୁ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ଶିକ୍ଷା ହେଉଛି ଏକ ସମୃଦ୍ଧ ଓ ସଶକ୍ତ ସମାଜର ମୂଳ ଆଧାର। ବଡ଼ ହେବା ପାଇଁ ସ୍ୱପ୍ନ ଦେଖ, ସ୍ୱପ୍ନ ବିଳାସୀ ହୁଅ, ଆଉ ସେହି ସ୍ୱପ୍ନକୁ ସାକାର କରିବା ପାଇଁ କଠିନ ପରିଶ୍ରମ କର। କାରଣ କଠିନ ପରିଶ୍ରମ ହିଁ ସଫଳତାର ଚାବିକାଠି ବୋଲି ମତବ୍ୟକ୍ତ କରିଥିଲେ। ଜାଭିୟର୍ସ ସ୍କୁଲର ପ୍ରତିଷ୍ଠାତା ତଥା ପରିଚାଳନା ନିର୍ଦ୍ଦେଶକ ଜିତେନ୍ଦ୍ର କୁମାର ଦାସଙ୍କ ଦୃଢ଼ ପ୍ରୟାସ ଏହି ସଂସ୍ଥାକୁ ଏକ ଉତ୍କୃଷ୍ଟ ଶିକ୍ଷାକେନ୍ଦ୍ରରେ ପରିଣତ କରିପାରିଛି ବୋଲି ମତ ଦେଇ ଧନ୍ୟବାଦ ଜଣାଇଥିଲେ। ମୁଖ୍ୟବକ୍ତା ଭାବେ ମହିଳା ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଦିଲ୍ଲୀପ କୁମାର ଦାସ ଯୋଗଦେଇ କହିଥିଲେ ଯେ, ଆଜିର ଶିଶୁ କାଲିର ନାଗରିକ ଓ ଦେଶର ଭବିଷ୍ୟତ। ଡାକ୍ତର, ଇଂଜିନିୟର କି ପ୍ରଫେସର ଯାହାବି ହୁଅ କିନ୍ତୁ ରାଷ୍ଟ୍ରବାଦୀ ହୁଅ। ଦେଶପାଇଁ ସମର୍ପିତ ହେବାକୁ ଉତ୍ସାହ ବର୍ଦ୍ଧକ ଅଭିଭାଷଣ ପ୍ରଦାନ କରିଥିଲେ। ଜାଭିୟର୍ସ ସ୍କୁଲର ଛାତ୍ର ଛାତ୍ରୀମାନେ ଜାତୀୟ, ଅନ୍ତର୍ଜାତୀୟ ଅଲମ୍ପିଆଡରେ ସଫଳତା ହାସଲ କରି ବିଦ୍ୟାଳୟ ଏବଂ ସ୍ଥାନୀୟ ଅଂଚଳ ପାଇଁ ଗୌରବ ଆଣୁଛନ୍ତି, ସେମାନଙ୍କୁ ସମ୍ବର୍ଦ୍ଧିତ କରାଯିବା ତାଙ୍କ ଭବିଷ୍ୟତ ପାଇଁ ପ୍ରେରଣାର ଉତ୍ସ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସୁମତି ପ୍ରଧାନ ଯୋଗଦେଇ କହିଥିଲେ ଯେ, ଆଜିକାଲି ସବୁ କ୍ଷେତ୍ରରେ ଇଂରାଜୀ ଆବଶ୍ୟକତା ରହୁଛି। ସେଥିପାଇଁ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ପିଲାଙ୍କୁ ପଢ଼ାଇବାକୁ ଅଭିଭାବକମାନେ ଆଗ୍ରହ ପ୍ରକାଶ କରୁଛନ୍ତି। ତେବେ ଯେତେ ଭାଷା ଶିଖୁଛ ଶିଖ, କିନ୍ତୁ ନିଜ ମାତୃଭାଷାକୁ ଆଗରେ ରଖ। ମୁଁ ଓଡ଼ିଆ, ଆମ ମାତୃଭାଷା ଭାରି ବଢ଼ିଆ ବୋଲି ମତବ୍ୟକ୍ତ କରିଥିଲେ। ପରିଚାଳନା ନିର୍ଦ୍ଦେଶକ ଜିତେନ୍ଦ୍ର କୁମାର ଦାସ ସ୍ୱାଗତ ଭାଷଣ, ଅତିଥି ପରିଚୟ ପ୍ରଦାନ, ବାର୍ଷିକ ବିବରଣୀ ପାଠ ଓ ଧନ୍ୟବାଦ ଅର୍ପଣ କରିଥିଲେ। କୃତୀ ବିଦ୍ୟାର୍ଥୀମାନଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।

ଝୁମ୍ପୁରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ

ଚମ୍ପୁଆ ଶିଶୁ ବିଦ୍ୟା ମନ୍ଦିର ଗୁରୁଜୀଙ୍କ ଅବସରକାଳୀନ ସମ୍ବର୍ଦ୍ଧନା

ଚମ୍ପୁଆ, ୩/୪(ନି/ପ୍ର): ଚମ୍ପୁଆ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଠାରେ ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟ ଅନିରୁଦ୍ଧ ନାଥ ଗୁରୁଜୀଙ୍କ ଅବସର କାଳୀନ ବିଦାୟ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଅଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଶିକ୍ଷା ବିକାଶ ସମିତି ଓଡ଼ିଶା, ଉତର ସମ୍ଭାଗ ସମ୍ପାଦକ ଗଙ୍ଗାଧର କର ଯୋଗଦେଇ ଅନିରୁଦ୍ଧ ଗୁରୁଜୀ ଜଣେ କର୍ମଠ, ନିଷ୍ଠାବାନ, ସମୟାନୁବର୍ତୀ, ମେଳାପୀ ଓ ଭଦ୍ର ସ୍ୱଭାବର ବ୍ୟକ୍ତିତ୍ୱ ବୋଲି କହିବା ସହିତ ତାଙ୍କର ପରବର୍ତୀ ଜୀବନ ନିରାମୟ ଓ ସୁଖ କାମନା କରିଥିଲେ। ବିଦ୍ୟାଳୟର ପରିଚାଳନା ସମିତିର ସଭାପତି ରମାକାନ୍ତ ପ୍ରଧାନ ଯୋଗଦେଇ ଅନିରୁଦ୍ଧ ଗୁରୁଜୀ ଜଣେ ଛାତ୍ର ବତ୍ସଳ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଆଚାର୍ଯ୍ୟ ଧରଣୀଧର ଦାସ ଯୋଗଦେଇ ଗୁରୁଜୀଙ୍କ ଅବସର କାଳୀନ ପରବର୍ତୀ ଜୀବନ ନିରାମୟ ଓ ସୁଖ ସମୃଦ୍ଧି କାମନା କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ଅବସରପ୍ରାପ୍ତ ଆଚାର୍ଯ୍ୟ ବସନ୍ତ କୁମାର ମହାନ୍ତ ଯୋଗଦେଇ ଗୁରୁଜୀଙ୍କ ଭଲଗୁଣଗୁଡ଼ିକର ସ୍ମୃତିଚାରଣ କରିଥିଲେ। ଆଚାର୍ଯ୍ୟ ଉଗ୍ରସେନ ମହାନ୍ତ, ଆଚାର୍ଯ୍ୟା ସରଳା ପ୍ରଧାନ, ଗୀତାଞ୍ଜଳି ପ୍ରଧାନ ଆଦି ଗୁରୁଜୀଙ୍କ ବିଷୟରେ ସ୍ମୃତିଚାରଣ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଶରତ ଚନ୍ଦ୍ର ପ୍ରଧାନ ସମ୍ବର୍ଦ୍ଧନା ସଭାର ଆଭିମୁଖ୍ୟ କଥନ କରିଥିଲେ। ଆଚାର୍ଯ୍ୟ ଭାସ୍କର ଚନ୍ଦ୍ର ମହାକୁଡ଼ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଆଚାର୍ଯ୍ୟ ଉମେଶ ଚନ୍ଦ୍ର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ତରଫରୁ ତାଙ୍କୁ ପୁଷ୍ପଗୁଚ୍ଛ, ଉପଢ଼ୌକନ, ମାନପତ୍ର, ଉତରୀୟ ଓ ଚେକ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ଏଥିରେ ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟା ଓ ସେବକ ସେବିକା ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

ବନ୍ଧୁ ସାଜିଲା ବଇରୀ; ପୋଡିଦେଲା ସମ୍ପର୍କୀୟଙ୍କ ଘର

ପାଟଣା, ୩/୪(ନି/ପ୍ର): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ତୁରୁମୁଙ୍ଗା ଥାନା ଅନ୍ତର୍ଗତ କିଆପଡା ଗ୍ରାମରେ ଘଟିଛି ଏକ ଅଭାବନୀୟ ଘଟଣା। ଗ୍ରାମର ମଙ୍ଗୁଲି କାରୁଆଙ୍କ ଘରକୁ ତାଙ୍କର ଜଣେ ସମ୍ପର୍କୀୟ ନିଆଁ ଲଗାଇ ଜାଳି ଦେଇଥିବା ଅଭିଯୋଗ ହୋଇଛି। ଅଭିଯୁକ୍ତ ଜଣକ ସଦର ଥାନା ଅନ୍ତର୍ଗତ ବୋଦାପଳସା ପାଖ ଗ୍ରାମର ଦେବ ମୁଣ୍ଡା। ଘଟଣା ସମ୍ପର୍କରେ ମଙ୍ଗୁଲି କାରୁଆ ତୁରୁମୁଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ ରବିବାର ରାତିରେ ମଙ୍ଗୁଳିଙ୍କ ପରିବାର ଖାଇପିଇ ସାରି ଘରେ ଶୋଇଥିବା ବେଳେ ଦେବ ମୁଣ୍ଡା ତାଙ୍କ ଘରେ ନିଆଁ ଲଗାଇ ଦେଇଥିଲେ। ଘର ଜଳୁଥିବା ଜାଣି ପରିବାର ଲୋକ ତୁରନ୍ତ ବାହାରକୁ ପଳାଇ ଆସିଥିଲେ। ତାଙ୍କ ଖପର ଘରଟି ଜଳି ପୋଡି ଛାରଖାର ହୋଇଯାଇଥିଲା। ଘରେ ଥିବା ବହୁ ଆସବାବପତ୍ର, ଗୁରୁତ୍ୱପୂର୍ଣ୍ଣ କାଗଜ ପତ୍ର ଜଳି ପୋଡି ପାଉଁଶ ହୋଇଯାଇଛି। ସରକାରୀ ଘର ନିର୍ମାଣ ନିମନ୍ତେ ଘରେ ରଖିଥିବା ୬୦ ହଜାର ଟଙ୍କାକୁ ମଧ୍ୟ ଅଭିଯୁକ୍ତ ନେଇ ଯାଇଥିବା ମଙ୍ଗୁଳି ଅଭିଯୋଗ କରିଛନ୍ତି। ଖବର ପାଇ ତୁରୁମୁଙ୍ଗା ଥାନା ଏସଆଇ ସୁରେଶ ଚନ୍ଦ୍ର ସାହୁ ଘଟଣା ସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ କରିଛନ୍ତି। ସୂଚନା ଅନୁସାରେ ଅଭିଯୁକ୍ତ ଜଣକ ରବିବାର ତାଙ୍କ ଘରକୁ ଆସିଥିଲେ। କୌଣସି କାରଣକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡା ହୋଇଥିଲା। ଏନେଇ ତୁରୁମୁଙ୍ଗା ଥାନାରେ କେସ ନମ୍ବର ୮୩/୨୦୨୬ ମାମଲା ରୁଜୁ ହୋଇ ଘଟଣାର ଅଧିକ ତଦନ୍ତ ଜାରି ରହିଛି।

ଚମ୍ପୁଆ ଶିଶୁ ବିଦ୍ୟା ମନ୍ଦିରରେ ଓଡ଼ିଶା ଦିବସ ଓ ବିଦ୍ୟାରମ୍ଭ ଯଜ୍ଞ

ଚମ୍ପୁଆ, ୩/୪(ନି/ପ୍ର): ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଠାରେ ଓଡ଼ିଶା ଦିବସ ଓ ବିଦ୍ୟାରମ୍ଭ ଯଜ୍ଞ ଅନୁଷ୍ଠିତ ହୋଇଯାଇଅଛି। ଏଥିରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଶରତ ଚନ୍ଦ୍ର ପ୍ରଧାନ, ଆଚାର୍ଯ୍ୟ ସତ୍ୟଜିତ ପ୍ରଧାନ ଓ ଚିତରଞ୍ଜନ ମହାନ୍ତ ଆଦି ମଂଚାସୀନ ଥିଲେ। ଆଚାର୍ଯ୍ୟ ସତ୍ୟଜିତ ପ୍ରଧାନ ଓଡ଼ିଶା ଦିବସର ତାତ୍ପର୍ଯ୍ୟ ବିଷୟରେ ମାର୍ଗଦର୍ଶନ ଦେଇଥିଲେ। ଆଚାର୍ଯ୍ୟ ଚିତରଞ୍ଜନ ମହାନ୍ତ ଓଡ଼ିଶା ଦିବସ ପ୍ରସଙ୍ଗରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ କୁଇଜ୍ ପ୍ରତିଯୋଗିତାର ଆୟୋଜନ କରିଥିଲେ। ଆଚାର୍ଯ୍ୟ ଭାସ୍କର ଚନ୍ଦ୍ର ମହାକୁଡ଼ ଓଡ଼ିଶାର ବରପୁତ୍ରମାନଙ୍କର ଓଡ଼ିଶା ପ୍ରଦେଶ ଗଠନରେ ଭୂମିକା ବିଷୟରେ ଅବଗତ କରିଥିଲେ। ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟା ଓ ଛାତ୍ରଛାତ୍ରୀ ଓଡ଼ିଶାର ବରପୁତ୍ରମାନଙ୍କର ତୈଳଚିତ୍ରରେ ପୁଷ୍ପ ପ୍ରଦାନ କରିବା ସହିତ ସମବେତ ଭାବେ ଓଡ଼ିଶାର ଜାତୀୟ ସଂଗୀତ 'ବନ୍ଦେ ଉତ୍କଳଜନନୀ' ଗାନ କରିଥିଲେ।

ଛାତ୍ର ଛାତ୍ରୀ ଓ ଅଭିଭାବକଙ୍କ ପ୍ରିୟ ଶିକ୍ଷକ ମହେଶ୍ୱର ହାଲିଙ୍କୁ ଅବସରକାଳୀନ ଅଶ୍ରୁଳ ସମ୍ବର୍ଦ୍ଧନା

କନ୍ଧମାଳ, ୩/୪(ନି/ପ୍ର): କନ୍ଧମାଳ ଜିଲ୍ଲାର ଗ୍ରାମାଂଚଳରେ ଥିବା ବିଦ୍ୟାଳୟଗୁଡ଼ିକରେ ଅନେକ ଶିକ୍ଷକ ଶିକ୍ଷୟିତ୍ରୀ ଅଛନ୍ତି, ସେମାନଙ୍କର ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରହିଛି। ଯେଉଥିପାଇଁ ଶିକ୍ଷା ଓ ଶିକ୍ଷକତାର ଗୌରବକୁ ଦ୍ୱିଗୁଣିତ କରୁଛି। ସେହିଭଳି ଏକ ଉଦାହରଣ ସୃଷ୍ଟି କରିଛନ୍ତି, ଫୁଲବାଣୀ ବ୍ଲକ ଅନ୍ତର୍ଗତ ସଇପଦର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମହେଶ୍ୱର ହାଲି। ସେ ସଇପଦର ପ୍ରାଥମିକ ବିଦ୍ୟାଳୟରେ ଯୋଗ ଦେବା ଠାରୁ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପାଠ ପଢ଼ା ସମେତ ଗାଁର ସମସ୍ତ ଅଭିଭାବକମାନଙ୍କ ସୁବିଧା ଅସୁବିଧାକୁ ବୁଝିବା ସେମାନଙ୍କୁ ବ୍ୟକ୍ତିଗତ ଭାବରେ ଜାଣିବା ଭଳି କାର୍ଯ୍ୟ କରି ଆସିଥିଲେ। ତେଣୁ ତାଙ୍କର ଅବସର ଗ୍ରହଣ ପରେ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଏବଂ ସମାଜସେବୀମାନେ ଏକ ଭବ୍ୟ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା ଆୟୋଜନ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀ ଧନେଶ୍ୱର କହଁର ଯୋଗଦେଇ ଶ୍ରୀ ହାଲିଙ୍କୁ ସମ୍ବର୍ଦ୍ଧନା କରିବା ସହିତ ସେ ତାଙ୍କ ଚାକିରୀ ଜୀବନରେ କେବେ ଛୁଟି ନେଇନଥିବା ଏବଂ କର୍ତବ୍ୟନିଷ୍ଠତା ବାବଦରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀ ଶ୍ୟାମବନ୍ଧୁ ମହାରଣା, ତାଙ୍କୁ ଏକାଧାରରେ ଜଣେ ମେଳାପି, ଛାତ୍ରଛାତ୍ରୀ ପ୍ରିୟ ଶିକ୍ଷକ ବୋଲି କହିଛନ୍ତି। ବରିଷ୍ଠ ସାମ୍ବାଦିକ ତଥା ବିଶିଷ୍ଟ ରକ୍ତଦତା ଶ୍ରୀ ପ୍ରଶାନ୍ତ କୁମାର ବେହେରା, ଶ୍ରୀ ହାଲିଙ୍କ ସମେତ ତାଙ୍କର ଧର୍ମପତ୍ନୀ ମଧ୍ୟ ନିୟମିତ ରକ୍ତଦତା ଅଟନ୍ତି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ, ବରିଷ୍ଠ ଆଇନଜୀବୀ ଶ୍ରୀ ସିଦ୍ଧେଶ୍ୱର ଦାସ, ଏନ୍‌ପିଏସ୍ ସଭାପତି ଶ୍ରୀ ସରୋଜ କୁମାର ସେଠୀ, ସମ୍ପାଦକ ଶ୍ରୀ ପ୍ରଦୀପ କୁମାର ମହାନ୍ତି, ଉପଦେଷ୍ଟା ଶ୍ରୀ ଅରୁଣ କୁମାର ପାତ୍ର, ଏୟୁପିଟିଏଫ୍ ସଭାପତି ସନ୍ତୋଷ କୁମାର ଦିଗାଲ, ବ୍ଲକ ସଭାପତି ଦିନେଶ୍ କୁମାର ବେହେରା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି, ସମ୍ପାଦକ ଅନଙ୍ଗ କୁମାର ଦେହୁରୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଶ୍ରୀ ହାଲିଙ୍କୁ ଗୁଣ ଗାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତ ସିଆର୍‌ସିସି, ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଓ ସମସ୍ତ ଗ୍ରାମବାସୀମାନେ ଶ୍ରୀ ହାଲିଙ୍କୁ ବିପୁଳ ସମ୍ବର୍ଦ୍ଧନା ଜ୍ଞାପନ କରିବା ସହିତ ପୁଷ୍ପମାଲ୍ୟ, ଉପଢ଼ୌକନ ଏବଂ ଉପହାର ପ୍ରଦାନ କରିଥିଲେ।

ପୂଜାସ୍ଥଳୀରୁ ଦେବାଦେବୀଙ୍କ ମୂର୍ତି ଗାଏବ ଘଟଣା, ସାନ୍ତାଳଙ୍କ ବିକ୍ଷୋଭ ଓ ଦାବିପତ୍ର ପ୍ରଦାନ

ହାଟଡିହି, ୩/୪(ନି/ପ୍ର): କେନ୍ଦୁଝରଜିଲ୍ଲା ହାଟଡିହି ବ୍ଲକ ପୁରୁଣା ପାଣି, ମଧୁବନ, ଟିଲଗଡିଆ ଆଦି ଗ୍ରାମରୁ ସାନ୍ତାଳୀ ସମ୍ପ୍ରଦାୟର ଜାହେରଗାଲଙ୍କ ପୂଜା ସ୍ଥଳୀରୁ ଦେବାଦେବୀଙ୍କ ମୂର୍ତ୍ତି ଗାଏବ କରି ହନୁମାନଙ୍କ ଫଟୋ ରଖିବା ଘଟଣାକୁ ନେଇ ଅଚଂଳବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏନେଇ ସୋସୋ ଥାନାରେ ଅଭିଯୋଗ ହୋଇଥିଲେ ବି ଦେଢ଼ ମାସ ଭିତରେ ପୁଲିସ ଅଭିଯୁକ୍ତମାନଙ୍କୁ ଠାବ କରିବାରେ ବିଫଳ ହୋଇଛି। ଯାହାକୁ ନେଇ ଆଜି ଶତାଧିକ ଆଦିବାସୀ ବିକ୍ଷୋଭ ପ୍ରଦର୍ଶନ କରିବା ସହ ରାଷ୍ଟ୍ରପତି ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉପଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଆଜି କେନ୍ଦୁଝର, ମୟୁରଭଞ୍ଜ, ଯାଜପୁର ଆଦି ଜିଲ୍ଲାର ଦୁଇ ହଜାରରୁ ଉର୍ଦ୍ଧ ସାନ୍ତାଳୀ ଲୋକମାନେ ଆନନ୍ଦପୁର ବ୍ରିଜ ଛକ ଠାରୁ ଏକ ବିକ୍ଷୋଭ ଶୋଭାଯାତ୍ରାରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟକୁ ଯାଇ ସେଠାରେ ପ୍ରତିବାଦ କରିବା ସହିତ ୬ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ ସେମାନେ ପ୍ରକୃତି ପୂଜକ। ସେଥିପାଇଁ ସେମାନେ ଗଛ, ପାହାଡ଼କୁ ପୂଜା କରିଥାନ୍ତି। ଗତ ୧୬ ତାରିଖ ରାତିରେ କେହି ଦୁର୍ବୃତ ପୁରୁଣାପାଣିରେ ଥିବା ଜାହେରଗାଲଙ୍କ ପୂଜା ସ୍ଥଳୀରୁ ସାନ୍ତାଳୀ ସମ୍ପ୍ରଦାୟର ଲୋକଙ୍କ ଦ୍ୱାରା ପୂଜା ପାଉଥିବା ଦେବାଦେବୀଙ୍କ ମୂର୍ତି ଚୋରିକରି ନେଇ ସେଠାରେ ହନୁମାନଙ୍କ ଫଟୋ ରଖି ସାନ୍ତାଳୀ ସମ୍ପ୍ରଦାୟ ଲୋକଙ୍କ ଧାର୍ମିକ ବିଶ୍ୱାସ ଓ ସାଂସ୍କୃତିକ ଭାବନାକୁ ଭାବନାକୁ ଆଘାତ ଦେଇଛନ୍ତି। ଏନେଇ ବୈଠକ କରିବା ପରେ ସୋସୋ ଥାନାରେ ଅଭିଯୋଗ କରିଥିଲେ। ସୋସୋ ପୋଲିସ ଘଟଣାର ତଦନ୍ତ କରିଥିଲେ ବି ଅଭିଯୁକ୍ତଙ୍କୁ ଠାବ କରିପାରିନି। ଖାଲି ଗୋଟିଏ ସ୍ଥାନରୁ ନୁହେଁ ତିନିଟି ଗ୍ରାମରେ ଏଭଳି ଘଟିଛି। ଜାତିଗତ ବିଦ୍ୱେଷ ସୃଷ୍ଟି କରି ଶାନ୍ତିପୂର୍ଣ୍ଣ ବାତାବରଣକୁ ନଷ୍ଟ କରିବାର ଏକ ସୁଚିନ୍ତିତ ଓ ହୀନ ପ୍ରୟାସ କରାଯାଇଛି। ଏଥିରେ ସ୍ଥାନୀୟ ଅଚଂଳରେ କାର୍ଯ୍ୟକରୁଥିବା କିଛି ସଂଗଠନ ଏପରି କରିଥିବା ସ୍ଥାନୀୟ ଲୋକମାନେ ସନ୍ଦେହ କରୁଛନ୍ତି। ଏହାକୁ ନେଇ ପୂର୍ବରୁ ତିନିଟି ଜିଲ୍ଲାର ସାନ୍ତାଳୀ ସମ୍ପ୍ରଦାୟର ନେତୃ ସ୍ଥାନୀୟ ଲୋକମାନେ ପୁରୁଣାପାଣି ଠାରେ ଏକଜୁଟ ହୋଇ 'ଜାହେରଗାଲ ସୁରକ୍ଷା' ଓ ଶାନ୍ତି ବୈଠକ କରିଥିଲେ। ଯଦି କୌଣସି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନଯାଏ ତେବେ ସାନ୍ତାଳୀ ସମ୍ପ୍ରଦାୟର ଲୋକମାନେ ବାଧହୋଇ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଆଗାମୀ ଜନଗଣନା ପୂର୍ବରୁ ଏସ ଟି ମାନଙ୍କ ପାଇଁ ସ୍ୱତନ୍ତ୍ର ଧର୍ମ କଲମ କୋର୍ଡ ଦିଆଯିବା ଆଦି ଦାବି ନେଇ ଦାବିପତ୍ର ପ୍ରଦାନ କରିଛନ୍ତି। ଆଜିର ଏହି ସମାବେଶରେ ମୁକାମ ମାଝୀ ବିକ୍ରମ ହାଁସଦା, ଘାଟ ପରଗାନା ଲକ୍ଷ୍ମଣ କିସ୍କୋ, ଆଦିବାସୀ ଏକତା ମଂଚର ବିଜୟ ହେମ୍ବ୍ରମ, ପିଳ ପରଗାନା ଧର୍ମାନନ୍ଦ ମାଝୀ, ବାସୁଦେବ ମାଝୀ, ସବାନ ମୁର୍ମୁ, ସୁନ୍ଦର ହାଁସଦା, ଶ୍ରୀରାମ ମାରାଣ୍ଡି, ନିମୁ ଟୁଡୁ, ରଥିଆ ମାରାଣ୍ଡି, କାପୁରା ମୁର୍ମୁ, ଜାନକୀ ବେଶ୍ରା, ସୀତା ମୁର୍ମୁ, ବିନିତା ମାଝୀ, ଗୋଲାପ ମାଝୀ, ନନ୍ଦିନୀ ସୋରେନ, ସାରଥୀ ହେମ୍ବ୍ରମ ପ୍ରମୁଖ ନେତୃତ୍ୱ ନେଇଥିଲେ।

ଉତ୍କଳ ଦିବସ ଅବସରରେ ଭାଷା ଆନ୍ଦୋଳନ ତରଫରୁ 'ଜ୍ଞାନଦୀପ' ପ୍ରଦାନ

ଭୁବନେଶ୍ୱର, ୩/୪(ନି/ପ୍ର): ଭାରତବର୍ଷର ପ୍ରଥମ ଭାଷାଭିତ୍ତିକ ରାଜ୍ୟର ଭାଷା ମାତୃଭାଷା ଓଡ଼ିଆ ହେବାପାଇଁ ଆନ୍ଦୋଳନ କରିବାକୁ ପଡୁଛି ଏହାଠାରୁ ବଳି ଦୁଃଖ ଆଉ କଣ ଥାଇପାରେ। ଓଡ଼ିଆ ଭାଷାଭାସୀ ଅଚଂଳକୁ ଏକାଠି କରିବା ପାଇଁ ଆମ ପୂର୍ବଜ କେତେଯେ ସଂଗ୍ରାମ କରିନାହାନ୍ତି ତାହାର ଇତିହାସ କହି ବସିଲେ ସରୁନାହିଁ କି ଆଖିରୁ ଲୁହ ସରୁନାହିଁ। ତଥାପି ୧୯୪୮ ମସିହାରେ ଭାଷା ଆଇନ ପ୍ରଥମ ପ୍ରସ୍ତାବ ବରଗଡ଼, ସମ୍ବଲପୁର ବିଧାୟକ ପଣ୍ଡିତ ଲକ୍ଷ୍ମୀନାରାୟଣ ମିଶ୍ର ଆଣିଥିଲେ, କିନ୍ତୁ ତାହା ୧୯୫୪ ମସିହାରେ ଗୃହୀତ ହୋଇଥିଲା ନବକୃଷ୍ଣ ଚୌଧୁରୀଙ୍କ ମୁଖ୍ୟମନ୍ତ୍ରୀତ୍ୱ କାଳରେ। ସେହି ଦିନଠାରୁ ଏପର୍ଯ୍ୟନ୍ତ ଭାଷା ଆଇନ ଓଡ଼ିଶାରେ ଲାଗୁ ହୋଇ ପାରିନଥିଲା। ଭାଷା ଆନ୍ଦୋଳନର ୮୭୮ ଦିନର ଆନ୍ଦୋଳନ ଫଳରେ ୨୦୧୮ ମସିହାରେ ଆଇନ ସଂଶୋଧନ ହେଲା ଏବଂ ତା ୧୭/୦୮/୨୦୧୯ରେ ନିୟମାବଳୀ ପ୍ରଣୟନ ହେଲା ଆଜିଠାରୁ ଓଡ଼ିଆ ଭାଷା ସରକାରୀ ଭାଷା ଏବଂ ଖିଲାପ କଲେ ଦଣ୍ଡ ଓ ସୁଧ ଭାବରେ ବ୍ୟବହାର କଲେ ପୁରସ୍କାର ମିଳିବାର ପ୍ରାବଧାନ ରହିଛି। କିନ୍ତୁ ବର୍ତମାନର ସରକାର ସେହି ନିୟମାବଳୀ ଓ ଆଇନକୁ ଭୃକ୍ଷେପ ନକରି ପୁରୁଣା ୨୦୧୬ ମସିହାର ଅଧିସୂଚନାକୁ ଦର୍ଶାଇ ଓଡ଼ିଆ ଭାଷାକୁ ଅଣଦେଖା କରିଚାଲିଛି। ଏପରିକି ଓଡ଼ିଆ ଭାଷା ଶିକ୍ଷକ, ଓଡ଼ିଶୀ ସଙ୍ଗୀତକୁ ଶାସ୍ତ୍ରୀୟତା ପାଇଁ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି। ପ୍ରାୟ ଅଠରଟି ପ୍ରସ୍ତାବକୁ ଆଖି ଆଗରେ ରଖି ଭାଷା ଆନ୍ଦୋଳନ ପୁନର୍ବାର ଆନ୍ଦୋଳନକୁ ଆପଣେଇବା ପାଇଁ ଅଗ୍ରସର ହେଉଛି। ସରକାରଙ୍କୁ ପ୍ରାୟ ଛଅଗୋଟି ଚିଠି ମାଧ୍ୟମରେ ବୁଝେଇବାକୁ ଚେଷ୍ଟା କରିଛୁ ଯାହାକି ଖବର କାଗଜରେ ପ୍ରକାଶିତ। ଆଜି ଉତ୍କଳ ଦିବସ ଅବସରରେ ଭାଷା ଆନ୍ଦୋଳନ ତରଫରୁ ଭାଷା ଆଇନ ପ୍ରଣେତା ନବକୃଷ୍ଣ ଚୌଧୁରୀ ଏବଂ ଓଡ଼ିଶା ନିର୍ମାତା ଉତ୍କଳ ଗୌରବ ମଧୁସୁଧନଙ୍କ ପ୍ରତିମୂର୍ତ୍ତି ପାଖରେ 'ଜ୍ଞାନଦ୍ୱୀପ' ପ୍ରଜ୍ୱଳନ କରି ସରକାରଙ୍କ ଜ୍ଞାନ ଉଦୟ ହେଉ ଭାଷା ଆଇନ ଏବଂ ଓଡ଼ିଆ ଭାଷା ଶିକ୍ଷକ ନିଯୁକ୍ତି ଇତ୍ୟାଦିରେ ଯେଉଁ ତ୍ରୁଟି କରିଛନ୍ତି ସେଗୁଡିକୁ ତୁରନ୍ତ ସଠିକ କରନ୍ତୁ ବୋଲି ଭାଷା ଆନ୍ଦୋଳନ ତରଫରୁ ସୂଚିତ ବା ଚେତାବନୀ ଦିଆଯାଇଛି ନଚେତ ଆଗାମୀ ଦିନରେ ପୁନର୍ବାର ୨୦୧୬ ମସିହାରେ ଚାଲିଥିବା କଳାପତାକା ଅଭିଯାନ ଆସନ୍ତା ଓଡ଼ିଆ ନୂଆବର୍ଷ ପଣା ସଂକ୍ରାନ୍ତି ଠାରୁ କଳାପତାକା ଅଭିଯାନ ଚାଲିବ ବୋଲି ଭାଷା ଆନ୍ଦୋଳନ ତରଫରୁ ସ୍ପଷ୍ଟ କରାଯାଇଛି। ଆଜିର ଏହି କାର୍ଯ୍ୟକ୍ରମରେ ଭାଷା ଆନ୍ଦୋଳନର ସଭାପତି ଜାନକୀଶ ବଡ଼ପଣ୍ଡା, ଆବାହକ ପବିତ୍ର ମହାରଥା, ଡମ୍ବରୁଧର ହରଣସିଂହ, ଦାଶରଥି ଗୁମାନସିଂହ, ନବକିଶୋର ପ୍ରଧାନ, ହିମାଂଶୁ ପଣ୍ଡା, ଶୃତକୀର୍ତ୍ତି ତ୍ରିପାଠୀ, କମାଣ୍ଡର ନନ୍ଦକିଶୋର ସାମଲ, ନୀଳମଣି ମିଶ୍ର, ଉପେନ୍ଦ୍ର ସାମନ୍ତସିଂହାର, ଓଡ଼ିଆ ମହାମଂଚର ନିର୍ଦ୍ଦେଶକ ମନୋଜ ନାୟକ ଏବଂ ପ୍ରହ୍ଲାଦ ସିଂହ ପ୍ରମୁଖ ଯୋଗଦେଇ ପୂର୍ବଜଙ୍କ କୋଟି କୋଟି ପ୍ରଣାମ ଜଣାଇଥିଲେ ବୋଲି ଆବାହକ ପବିତ୍ର ମହାରଥା ଜଣାଇଛନ୍ତି।

ବିବିଧା

ଆଜିର ରାଶିଫଳ

ମେଷ: ଲକ୍ଷ୍ୟସ୍ଥଳରେ ପହଞ୍ଚିବାକୁ କଠିନ ପରିଶ୍ରମ କରିବାକୁ ପଡ଼ିପାରେ। ଧୈର୍ଯ୍ୟ ହରାନ୍ତୁନି। ଆର୍ଥିକ ସ୍ଥିତି ଭଲ ରହିବ। ବନ୍ଧୁଙ୍କ ସହାୟତା ମିଳିପାରେ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିପାରନ୍ତି।

ବୃଷ: ଅଚାନକ ଖୁସି ଖବର ପାଇପାରନ୍ତି। ମହିଳାମାନେ ଘର କାର୍ଯ୍ୟରେ ବ୍ୟସ୍ତ ରହିବେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ଦୂରସ୍ଥାନକୁ ଯାତ୍ରା ଯୋଗ ଅଛି। ଆୟ ଅନୁସାରେ ବ୍ୟୟ କରନ୍ତୁ।

ମିଥୁନ: ସାମାଜିକ କାର୍ଯ୍ୟରେ ସାମିଲ ରହିପାରନ୍ତି। ରାଜନେତାଙ୍କ ପାଇଁ ଦିନଟି ଭଲ। ଲୋକସମ୍ପର୍କ ବୃଦ୍ଧି ପାଇବ। ନୂତନ ଯାନବାହନ କିଣିପାରନ୍ତି। ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ।

କର୍କଟ: ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ। ଅଫିସ୍‌ରେ କାର୍ଯ୍ୟଭାର ବଢ଼ିପାରେ। ଉଧାର ଟଙ୍କା ଫେରି ପାଇବେ। ଯୋଜନା ମୁତାବକ କାମ କରନ୍ତୁ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ।

ସିଂହ: ଅଫିସ୍ କାମ ପାଇଁ ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ଆଜି ଦିନଟି ଆପଣଙ୍କ ପାଇଁ ବହୁତ ଭଲ। ଜୀବନସାଥୀଙ୍କ ସହଯୋଗ ମିଳିପାରେ। ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ।

କନ୍ୟା: ଦାମ୍ପତ୍ୟ ଜୀବନ ସୁଖମୟ ହେବ। ପଡ଼ୋଶୀଙ୍କ ସହ ମନୋମାଳିନ୍ୟ ହୋଇପାରେ। ଘରେ ପୂଜାପାଠ ଆୟୋଜନ କରିବେ। ଅଟକିଥିବା କାର୍ଯ୍ୟ ପୂରା ହେବ। ଆୟର ନୂଆ ଅବସର ପ୍ରାପ୍ତ ହେବ। ଦାନ ଧର୍ମ କରନ୍ତୁ।

ତୁଳା: ଆଜି ଦିନଟି ମିଶ୍ରଫଳ ପ୍ରଦାନ କରିବ। ଆର୍ଥିକ ସ୍ଥିତି ମଜବୁତ୍ ହେବ। ବିବାହ ପ୍ରସ୍ତାବ ଆସିପାରେ। ରାଜନୀତିରେ ସଫଳତା ମିଳିପାରେ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ।

ବିଛା: ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିପାରେ। ଅଚାନକ ଖୁସି ଖବର ମିଳିପାରେ। ବୈବାହିକ ଜୀବନ ସୁଖଶାନ୍ତିରେ କଟିବ।

ଧନୁ: ପରିବାର ଲୋକଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଆୟ ତୁଳନାରେ ବ୍ୟୟ ଅଧିକ ହେବ। କଥାରେ ମଧୁରତା ରକ୍ଷା କରିବେ। ନିଜ ଲୋକ ଶତ୍ରୁ ସାଜି ପାରନ୍ତି। ଦାନ ଧର୍ମ କରନ୍ତୁ।

ମକର: ବ୍ୟବସାୟରେ ଲାଭ ମିଳିପାରେ। ଭାଇ -ଭାଇ ମଧ୍ୟରେ କଳହ ଦେଖାଦେବ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ଅଚାନକ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡ଼ିପାରେ। ପ୍ରେମ ସମ୍ପର୍କ ସୁଖମୟ ହେବ।

କୁମ୍ଭ: ବ୍ୟବସାୟ ପାଇଁ ଦୂରସ୍ଥାନକୁ ଯାତ୍ରା କରିବେ। ନିବେଶରୁ ଦୂରେଇ ରୁହନ୍ତୁ। ମାନସମ୍ମାନ ବୃଦ୍ଧି ପାଇବ। ବିବାହ ସମସ୍ୟାର ସମାଧାନ ହେବ। ଭାବି ଚିନ୍ତି ଖର୍ଚ୍ଚ କରନ୍ତୁ। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ଯୋଗ ଅଛି।

ମୀନ: ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ପଢ଼ା ପାଇଁ ଅର୍ଥ ନିବେଶ କରିବେ। ଦୂରସ୍ଥାନକୁ ଯାତ୍ରା କରିବେ। ଧାର କରଜରୁ ନିବୃତ୍ତ ରହିବେ। ପୈତୃକ ସମ୍ପତ୍ତିରୁ ଲାଭ ମିଳିବ।

ଆଜିର ଦିନରେ

- ୧୯୩୩- ବିଶ୍ୱର ସବୁଠାରୁ ଉଚ୍ଚ ଶିଖର ମାଉଣ୍ଟ ଏଭରେଷ୍ଟ ଉପରେ ପ୍ରଥମ ଥର ବିମାନ ଉଡ଼ିଲା।
- ୧୯୪୯- ଆମେରିକା, ବ୍ରିଟେନ୍, ଫ୍ରାନ୍ସ ଓ କାନାଡ଼ା ଉତ୍ତର ଆଟଲାଣ୍ଟିକ୍ ଚୁକ୍ତିନାମାପତ୍ରରେ ସ୍ୱାକ୍ଷର କଲେ।
- ୧୯୮୪- ଭାରତର ପ୍ରଥମ ମହାକାଶଚାରୀ ରାକେଶ ଶର୍ମା ମହାକାଶଯାତ୍ରା ଆରମ୍ଭ କଲେ।
- ୨୦୧୬- ପାନାମା ପେପର୍ ଲିକ୍ ହୋଇଥିଲା।

ସଲମାନ୍‌ଙ୍କ ଫିଲ୍ମରେ ଅରବିନ୍ଦ ସ୍ୱାମୀ

ଏଇ କିଛି ବର୍ଷ ହେଲାଣି ବଲିଉଡ୍‌ର ଆଗଧାଡ଼ିର କଳାକାରମାନେ ସାଉଥ୍ ନିର୍ଦ୍ଦେଶକଙ୍କ ସହ କାମ କରୁଥିବାର ଦେଖାଯାଉଛି। ଏବେ ଦବଙ୍ଗ ଖାନ୍ ସଲମାନ୍ ମଧ୍ୟ ଏଥିରେ ସାମିଲ ହୋଇଛନ୍ତି। ବାମଶୀ ପେଡିପାଲ୍ଲୀଙ୍କ ଏକ ହାଇ ବଜେଟ୍ ଆକ୍ସନ୍ ଥ୍ରିଲର୍ ଫିଲ୍ମରେ ସଲମାନ୍ ଲିଡ୍ ରୋଲରେ ନଜର ଆସିବେ। ଏଥିରେ ତାଙ୍କ ବିପକ୍ଷରେ ସାଉଥ୍ ସୁନ୍ଦରୀ ନୟନତାରା ଦେଖାଯିବେ। ଅନିଲ କପୁର ମଧ୍ୟ ଏହି ଫିଲ୍ମରେ ନଜର ଆସିବେ। ଏହାର ପ୍ରଯୋଜନା ଦାୟିତ୍ୱରେ ଦିଲ ରାଜୁ ଅଛନ୍ତି। ଖୁବ୍‌ଶୀଘ୍ର ଏହାର ସୁଟିଂ ଆରମ୍ଭ ହେବ। ଇତିମଧ୍ୟରେ ଏହି ଫିଲ୍ମକୁ ନେଇ ଆଉ ଏକ ଖବର ଆସିଛି। ଏଥିରେ ଏବେ ସାଉଥ ଇଣ୍ଡଷ୍ଟ୍ରିର ଲୋକପ୍ରିୟ ଅଭିନେତା ଅରବିନ୍ଦ ସ୍ୱାମୀ ନଜର ଆସିପାରନ୍ତି ବୋଲି କୁହାଯାଉଛି। ଅରବିନ୍ଦ ତାମିଲ୍ ବ୍ୟତୀତ ବଲିଉଡ୍ ଫିଲ୍ମରେ ମଧ୍ୟ କାମ କରିଛନ୍ତି। ଅରବିନ୍ଦ ଏହି ଫିଲ୍ମରେ କାମ କରିଲେ ବି ସେ କେଉଁଭଳି ଚରିତ୍ରରେ ଅଭିନୟ କରୁଛନ୍ତି ତାହା ସ୍ପଷ୍ଟ ହୋଇ ନାହିଁ। ଏହି ଫିଲ୍ମ ଆସନ୍ତାବର୍ଷ ମୁକ୍ତିଲାଭ କରିପାରେ। ସଲମାନ୍‌ଙ୍କ କାମ କଥା କହିବାକୁ ଗଲେ, ସେ ଶେଷ ଥର ପାଇଁ 'ସିକନ୍ଦର' ଫିଲ୍ମରେ ନଜର ଆସିଥିଲେ। ଏଥିରେ ତାଙ୍କ ବିପକ୍ଷରେ ରଶ୍ମିକା ମନ୍ଦାନା ଦେଖାଯାଇଥିଲେ। ଏହା ବକ୍ସ ଅଫିସ୍‌ରେ ଫ୍ଲପ୍ ସାବ୍ୟସ୍ତ ହୋଇଥିଲା। ଏବେ ସଲମାନ୍ ଅପୂର୍ବ ଲାଖିଆଙ୍କ ଫିଲ୍ମ 'ମାତୃଭୂମି'ରେ କାମ କରୁଛନ୍ତି। ଏହା ଏପ୍ରିଲ୍ ୧୭ରେ ରିଲିଜ୍ ହେବ ବୋଲି ପୂର୍ବରୁ ସ୍ଥିର କରାଯାଇଥିଲା। ହେଲେ ଏବେ ଏହାର ରିଲିଜ୍‌କୁ ଘୁଞ୍ଚାଇ ଦିଆଯାଇଛି ବୋଲି କିଛି ରିପୋର୍ଟରେ ପ୍ରକାଶ ପାଇଛି।

ପ୍ଲାଷ୍ଟିକ୍ ସର୍ଜରୀରୁ ବିଗିଡ଼ିଲା ମୁହଁ



ବ୍ରାଜିଲର ଲୋକପ୍ରିୟ ଇନ୍‌ଫ୍ଲୁଏନସର ଲୁକୁ ଡୋ ପିନ୍ହ। ତାଙ୍କର ପ୍ରକୃତ ନାମ ଜୁଲିଆନା ଓଲିଭେରା। ପ୍ଲାଷ୍ଟିକ୍ ସର୍ଜରୀ କରାଇବା ପରେ ସେ ଅଚାନକ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛନ୍ତି। ପ୍ଲାଷ୍ଟିକ୍ ସର୍ଜରୀରେ ଗୋଟିଏ ଭୁଲ୍ ତାଙ୍କ ପାଇଁ ଏକ ବିପଜ୍ଜନକ ସ୍ଥିତି ସୃଷ୍ଟି କରିଛି। ସର୍ଜରୀରେ ସିଲିକନ ଫିଲର୍ ସ୍ଥାନରେ ବିପଜ୍ଜନକ ମିନେରାଲ ଅଏଲକୁ ବ୍ୟବହାର କରାଯିବାରୁ ତାଙ୍କ ମୁହଁ ସମ୍ପୂର୍ଣ୍ଣ ବଦଳିଗଲା। ତେବେ ଏହି ଘଟଣା କେବଳ ତାଙ୍କ ପରିଚୟକୁ ପ୍ରଭାବିତ କରି ନାହିଁ, ବରଂ ତାଙ୍କ ଜୀବନକୁ ଏକ ନୂଆ ମୋଡ଼ ପ୍ରଦାନ କରିଛି। ୨୦୧୭ ମସିହାରେ ଲୁକୁ ଫିଲର୍ ଟ୍ରିଟ୍‌ମେଣ୍ଟ କରାଇଥିଲେ। ଏକ ଅବୈଧ କ୍ଲିନିକ୍‌ର ଡାକ୍ତରମାନେ ସିଲିକନ୍ ବଦଳରେ ତାଙ୍କ ଗାଲରେ ମିନେରାଲ ଅଏଲ ଓ ଭେସ୍‌ଲିନ ଭରି ଦେଇଥିଲେ। ଇଞ୍ଜେକସନ୍ ନେବାର କିଛି ସମୟ ମଧ୍ୟରେ ତାଙ୍କ ଗାଲ ଫୁଲି ଯାଇଥିଲା। ତ୍ୱଚା ଶକ୍ତ ହୋଇଯିବା ସହ ତାଙ୍କ ଚେହେରା ବିଦାକାର ଦେଖାଗଲା। ଏହି ଘଟଣା ଏବେ କସମେଟିକ୍ ସର୍ଜରୀରେ ଥିବା ବିପଦକୁ ଉଜାଗର କରିଛି। ଗତବର୍ଷ ଜାନୁଆରୀରେ ତାଙ୍କର ୪ଘଣ୍ଟା ଲମ୍ବା ଅପ୍ରେସନ କରାଯାଇ ମିନେରାଲ ୱାଟର୍ ବାହାର କରିବାକୁ ଚେଷ୍ଟା କରାଯାଇଥିଲା। ସେହିଭଳି ଜାନୁଆରୀ ୨୦୨୬ରେ ତାଙ୍କର ଦ୍ୱିତୀୟ ସର୍ଜରୀ ହୋଇଥିଲା। ଏବେ ଯଦିଓ ପୂର୍ବାପେକ୍ଷା ତାଙ୍କ ଚେହେରାର ଫୁଲା ଟିକେ କମ୍ ହୋଇଛି, କିନ୍ତୁ ମିନେରାଲ୍ ଅଏଲ୍ ପୂରା ଶରୀରରେ ବ୍ୟାପି ଯାଇଥିବାରୁ ଏହାକୁ ବାହାର କରିବା ପାଇଁ ଅନେକ ଲମ୍ବା ପ୍ରକ୍ରିୟା ଚାଲିବ ବୋଲି ତାଙ୍କୁ ଏବେ ଚିକିତ୍ସିତ କରୁଥିବା ଡାକ୍ତରମାନେ କହିଛନ୍ତି। ତେବେ ଏହି ମାମଲା ବ୍ରାଜିଲରେ ସୀମିତ ନାହିଁ। ବ୍ରିଟେନରେ ମଧ୍ୟ ପ୍ରତିବର୍ଷ ଲୋକେ ଭୁଲ କସ୍ମେଟିକ୍ ସର୍ଜରୀ କରାଇ ଚିକିତ୍ସା ପାଇଁ ଆସନ୍ତି। ଏବାବଦକୁ ସେମାନେ ପାଖାପାଖି ୭୦, ୦୦୦ ପାଉଣ୍ଡ ଖର୍ଚ୍ଚ କରନ୍ତି। ତେଣୁ ଅଫର୍ ବଜାରରେ ନ ପଡ଼ି ଭଲ ସର୍ଜନଙ୍କ ପାଖରେ କସ୍ମେଟିକ୍ ସର୍ଜରୀ କରାଇବା ପାଇଁ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ପରାମର୍ଶ ଦେଉଛନ୍ତି।

ଜ୍ୟାକେଟ୍‌ରେ ଏୟାରବ୍ୟାଗ୍

ଟେକ୍ନୋଲୋଜି ଏବେ କେବଳ ଗାଡ଼ି ଓ ମୋବାଇଲ୍ ଫୋନ୍ ଭିତରେ ସୀମିତ ହୋଇ ରହିନାହିଁ। ଏବେ ସ୍ମାର୍ଟ ପୋଷାକ ଆସିଲାଣି, ଯାହା ମଣିଷକୁ ସୁରକ୍ଷା ପ୍ରଦାନ କରିବ। ଏହି କ୍ରମରେ ଏକ ଏୟାରବ୍ୟାଗ୍ ଜ୍ୟାକେଟ୍ ଚର୍ଚ୍ଚାକୁ ଆସିଛି, ଯାହା ମଣିଷ ତଳେ ପଡ଼ିବା ପୂର୍ବରୁ ସକ୍ରିୟ ହୋଇଯାଇ ଦୁର୍ଘଟଣାରୁ ରକ୍ଷା କରିବ। ଯିଡିଆକାଓ ଇଣ୍ଟେଲିଜେଣ୍ଟ ଟେକ୍ନୋଲୋଜି କମ୍ପାନି ଲିମିଟେଡ ଏହି ସ୍ମାର୍ଟ ଜ୍ୟାକେଟ୍‌କୁ ବିକଶିତ କରିଛି। ଏଥିରେ ଆଡଭାନ୍ସ ସୁରକ୍ଷା ସିଷ୍ଟମ ଲଗାଯାଇଛି। ଏହାକୁ ପିନ୍ଧିଥିବା ବ୍ୟକ୍ତି ତଳେ ପଡ଼ିବାର ଥିଲେ ଜ୍ୟାକେଟ୍‌ଟି ୦.୩" ସେକେଣ୍ଡ ମଧ୍ୟରେ ଜାଣିପାରି ସକ୍ରିୟ ହୋଇ ଉଠିବ। ଜ୍ୟାକେଟ୍ ଭିତରେ ଏକ ସ୍ମାର୍ଟ ଚିପ୍ ଲାଗିଛି। ଯାହାକି ପ୍ରତି ସେକେଣ୍ଡରେ ହଜାରେ ଥର ଶରୀରର ସ୍ଥିତି ଏବଂ ଗତିବିଧି ଉପରେ ନଜର ରଖେ। ସେହିପରି ଏହାକୁ ପିନ୍ଧିଥିବା ବ୍ୟକ୍ତି ତଳେ ପଡ଼ିବା ଆଶଙ୍କା ଥିଲେ, ଜ୍ୟାକେଟ୍‌ଟି ତୁରନ୍ତ ଏୟାରବ୍ୟାଗ୍ ଭଳି ଫୁଲି ସୁରକ୍ଷା କବଚ ପାଲଟିଯାଏ। ଏହାଦ୍ୱାରା ତଳେ ପଡ଼ି ଆଘାତ ଲାଗିବା ଆଶଙ୍କା ଅନେକ ପରିମାଣରେ ହ୍ରାସ ପାଏ। ତେବେ ଏହି ଜ୍ୟାକେଟ୍‌ରେ ଚାର୍ଜ ରଖିବା ଜରୁରି। ବୟସ୍କମାନେ ଯେଉଁଭଳି ଚିନ୍ତାରେ ପଡ଼ିବେନି ଏଥିରେ ୱେୟାରଲେସ୍ ଚାର୍ଜରର ବିକଳ୍ପ ମଧ୍ୟ ଦିଆଯାଇଛି। ବୟସ ବଢ଼ିବା ସହିତ ଶରୀର ଦୁର୍ବଳ ହେବାକୁ ଲାଗେ। ତଳେ ପଡ଼ିଯିବା ଆଶଙ୍କା ଅଧିକ ଥାଏ। ଏଭଳି ସ୍ଥିତିରେ ଏୟାରବ୍ୟାଗ୍ ଜ୍ୟାକେଟ୍ ଲୋକଙ୍କୁ ଆଶ୍ୱସ୍ତି ପ୍ରଦାନ କରିବ। ଏହି ସ୍ମାର୍ଟ ଜ୍ୟାକେଟ୍ ଠିକ୍ ଭାବେ ପରିଚାଳିତ ହେବା ଲାଗି ବ୍ୟାଟେରିର ଆବଶ୍ୟକତା ଅଛି। ଥରେ ଏହାକୁ ଚାର୍ଜ କଲେ ଦୀର୍ଘ ସମୟ ପର୍ଯ୍ୟନ୍ତ କାର୍ଯ୍ୟ କରିଥାଏ। ଅନ୍ୟପଟେ ଏହା ବ୍ୟବହାରକାରୀଙ୍କ ଗତିବିଧି ଉପରେ ନଜର ରଖିବାକୁ ବି ସକ୍ଷମ।

ସଞ୍ଜୀବନୀ

ରକ୍ତ ଶର୍କରା ନିୟନ୍ତ୍ରଣ ବିଧି

ଅତ୍ୟାଧୁନିକ ଜୀବନଶୈଳୀ, ଚିନ୍ତା ଆଦି ଯୋଗୁଁ ଲୋକ କମ୍ ବୟସରୁ ବହୁ ରୋଗର ଶିକାର ହେଉଛନ୍ତି। ଘରେ ଘରେ ଲୋକେ ମଧୁମେହ, ଅମ୍ଳ ଆଦି ସମସ୍ୟାରେ ପୀଡ଼ିତ। ତନ୍ମଧ୍ୟରୁ ଅସନ୍ତୁଳିତ ରକ୍ତ ଶର୍କରା ଅଧିକ ଚିନ୍ତା ବଢ଼ାଏ। ତେଣୁ ରକ୍ତ ଶର୍କରା ନିୟନ୍ତ୍ରଣ ବିଧି ବିଷୟରେ ଜାଣିବା।

- ତିକ୍ତ ଓ କଷାୟ ରସଯୁକ୍ତ ଭୋଜନ ହିତକର। ମଧୁର, ଲବଣ, କଟୁ, ଅମ୍ଳ ଏହି ଚାରିଟି ରସ ଯୁକ୍ତ ଭୋଜନ କମ୍ ବ୍ୟବହାର କରିବା ଆବଶ୍ୟକ।
- ଚିନି, ପ୍ୟାକେଟ୍ସ ଲୁଣ, ରିଫାଇନ୍ ତେଲ ଯଥା ସମ୍ଭବ କମ୍ ବ୍ୟବହାର କରିବା ଜରୁରି। ତନ୍ତୁଜାତୀୟ ଖାଦ୍ୟ ଯଥା- ଅଙ୍କୁରିତ ମୁଗ, ବୁଟ, ସଜନା ଇତ୍ୟାଦି, ସବୁଜ ପନିପରିବା ଉପରେ ଅଧିକ ଗୁରୁତ୍ୱ ଦେବେ। ଆୟୁର୍ବେଦରେ ବର୍ଣ୍ଣିତ ବିରୁଦ୍ଧ ଭୋଜନ କରିବେ ନାହିଁ। ଯେପରି ଲୁଣ ସହିତ ଦୁଗ୍ଧ ସେବନ ଅନୁଚିତ। ଶାରୀରିକ ପରିଶ୍ରମ କରିବା ଆବଶ୍ୟକ। ମାନସିକ ସ୍ୱାସ୍ଥ୍ୟର ସନ୍ତୁଳନ ପାଇଁ, ଧ୍ୟାନ, ଯୋଗ, ପ୍ରାଣାୟମ ଆଦି କରିବାର ଆବଶ୍ୟକ ରହିଥାଏ। ସେହିପରି ସାମାଜିକ ସ୍ୱାସ୍ଥ୍ୟର ସନ୍ତୁଳନ ପାଇଁ ସତ୍‌ସଙ୍ଗ, ସ୍ୱାଧ୍ୟାୟ, ସାମାଜିକ କାର୍ଯ୍ୟରେ ଆଗ୍ରହ ସହକାରେ ରହିବା ଦରକାର।
- ସେହିପରି ରକ୍ତ ଶର୍କରା ନିୟନ୍ତ୍ରଣ ପାଇଁ ଜାମୁକୋଳି ମଞ୍ଜି ଚୂର୍ଣ୍ଣ, ଗୁଡ଼ମାରୀ ରସ, ସଦାବିହାରୀ ପତ୍ର ରସ, ମେଥି ଚୂର୍ଣ୍ଣ ଇତ୍ୟାଦି ଚିକିତ୍ସକଙ୍କ ପରାମର୍ଶରେ ଗ୍ରହଣ କରାଯାଇପାରେ।

ଘର ବଇଦ

ବାନ୍ତିର ଉପଚାର

- ଅଁଳା ଚୂର୍ଣ୍ଣ ଏକ ଭରି, କିସ୍‌ମିସ୍ ଏକ ଭରି, ଚିନି ଦୁଇ ଭରି ଏକତ୍ର ବାଟି କୋଳି ପରି ବଟିକା କରିବେ। ଏହି ବଟିକାରୁ ଗୋଟିଏ ପାଟିରେ ରଖି ରସ ଢୋକିବେ, ଚୋବାଇବେ ନାହିଁ। ଦିନକୁ ୩/୪ଟା ବଟିକା ଖାଇଲେ ବାନ୍ତି ବନ୍ଦ ହୁଏ। ଗର୍ଭାବସ୍ଥାରେ ବାନ୍ତି ହେଲେ ଏହି ଔଷଧରେ ବାନ୍ତି ବନ୍ଦ ହୁଏ।
- ଏକ ଛଟାଙ୍କି ଚିନି ସର୍ବତରେ ଦଶ ବାରଟା ଲଙ୍କା ଆମ୍ବପତ୍ର ଚକଟି ଛାଣି ସେହି ସର୍ବତ ପିଇଲେ ବାନ୍ତି ତତ୍‌କ୍ଷଣାତ୍ ବନ୍ଦ ହୁଏ।
- ଅଶ୍ୱତ୍ଥ ଗଛର ଛେଲିକୁ ପୋଡ଼ି ସେହି ଜ୍ୱଳନ୍ତ ଅଙ୍ଗାରକୁ ପାଣିରେ ପକାଇ ପାଣି ପିଇଲେ ବାନ୍ତି ବନ୍ଦ ହୁଏ।
- ବିଡ଼ଙ୍ଗ ଓ ମୁଥାର ଚୂର୍ଣ୍ଣ ମହୁ ସହିତ ଖାଇଲେ କଫଜ ବାନ୍ତି ପ୍ରଶମିତ ହୁଏ।
- ବେଲମୂଳର ଛେଲିର କ୍ୱାଥ ଶୀତଳ କରି ତହିଁରେ ମହୁ ମିଶାଇ ପିଇଲେ ବାନ୍ତି ବନ୍ଦ ହୁଏ।

(ଲକ୍ଷ୍ମଣ ମିଶ୍ରଙ୍କ ଦ୍ୱାରା ଲିଖିତ ପୁସ୍ତକରୁ ଉଦ୍ଧୃତ)

କରୋନାର ନୂତନ ଉପପ୍ରଜାତି ସିକାଡ଼ା

କରୋନା ପରେ ଅନେକ ଜୀବାଣୁଜନିତ ରୋଗ ଦେଖାଯାଉଛି। ତନ୍ମଧ୍ୟରୁ କିଛି ଜୀବାଣୁ ସ୍ୱାସ୍ଥ୍ୟ ପାଇଁ ବିପଜ୍ଜନକ ସାବ୍ୟସ୍ତ ହୋଇଛି। ଏହି କ୍ରମରେ ଏବେ ଆମେରିକାରେ କରୋନାର ନୂତନ ଉପ ପ୍ରଜାତି ଠାବ ହୋଇଛି। ଏହି ନୂଆ ପ୍ରଜାତିର ନାଁ ଦିଆଯାଇଛି ସିକାଡ଼ା। ବୈଜ୍ଞାନିକ ଭାଷାରେ ଏହାକୁ ବିଏ.୩.୨ ଷ୍ଟ୍ରେନ୍ କୁହାଯାଉଛି। ଏହା ଓମିକ୍ରନ ପରିବାରର ଉପ ପ୍ରଜାତି। ଏହି ନୂଆ ପ୍ରଜାତି କ'ଣ ଏବଂ ଏହା କେତେ ବିପଜ୍ଜନକ ଜାଣିବା।

'ସିକାଡ଼ା' କୋଭିଡ୍-୧୯ ର ସବ୍ ଭାରିଆଣ୍ଟ। ଏହି ନୂତନ ପ୍ରଜାତିର ସ୍ପାଇକ୍ ପ୍ରୋଟିନ୍‌ରେ ୭୦ରୁ ୭୫ଟି ମ୍ୟୁଟେସନ୍ ରହିଛି। ଏହି ପ୍ରଜାତି ମନୁଷ୍ୟ ଶରୀରର ରୋଗପ୍ରତିରୋଧକ ପ୍ରଣାଳୀକୁ କିଛି ମାତ୍ରାରେ ପ୍ରଭାବିତ କରିପାରେ। କରୋନାର ଏହି ନୂଆ ଉପପ୍ରଜାତିର ଲକ୍ଷଣ ପ୍ରାୟତଃ କରୋନା ସହିତ ସମାନ। ଏହି ନୂତନ ଜୀବାଣୁ ସଂକ୍ରମଣ ଦ୍ୱାରା ଜ୍ୱର, କାଶ, ଥକ୍କା ଲାଗିବା, ଥଣ୍ଡା ଲାଗିବା, ଗଳା ଦରଜ, ନାକ ବନ୍ଦ ହୋଇଯିବା, ଶ୍ୱାସକ୍ରିୟାରେ କଷ୍ଟ, ଗନ୍ଧ ବାରି ନ ପାରିବା, ଶରୀର ଯନ୍ତ୍ରଣା ହେବା ଆଦି ଲକ୍ଷଣ ଦେଖାଯାଇଥାଏ। ଉପରୋକ୍ତ ଲକ୍ଷଣ ଦେଖିବା ମାତ୍ରେ ତୁରନ୍ତ ସ୍ୱାସ୍ଥ୍ୟ ପରୀକ୍ଷା କରିବା ଜରୁରି। ଏହାସହିତ ବୟସ୍କ, ପୂର୍ବରୁ ଏକାଧିକ ରୋଗରେ ପୀଡ଼ିତ ଥିଲେ, ଛୋଟ ପିଲା, ଗର୍ଭବତୀ ମହିଳା, ରୋଗପ୍ରତିରୋଧକ ଶକ୍ତି ଦୁର୍ବଳ ଥିବା ବ୍ୟକ୍ତିଙ୍କଠାରେ ଏହି ସଂକ୍ରମଣ ସହଜରେ ରୂପ ନେଇପାରେ। ଏଥିପ୍ରତି ଧ୍ୟାନ ଦେବା ଆବଶ୍ୟକ। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମୁତାବକ, ଏହି ନୂତନ ପ୍ରଜାତିରେ ଅଧିକ ମ୍ୟୁଟେସନ ଥିବାରୁ ଉପଲବ୍ଧ ଥିବା ଟିକା ଏଥିରେ କେତେ ପ୍ରଭାବଶାଳୀ ପ୍ରମାଣିତ ହୋଇ ନ ପାରେ। ତେଣୁ ଜୀବନଶୈଳୀରେ ପରିବର୍ତ୍ତନ ଆଣିବା ସହିତ ହାତକୁ ସଫା କରିବା, ଭିଡ଼ ସ୍ଥାନକୁ ନ ଯିବା, ବାହାରକୁ ମାସ୍କ ପିନ୍ଧି ଯିବା ଆବଶ୍ୟକ।

ଜିଏଫ୍ଆର୍ ଟେଷ୍ଟ

ମନୁଷ୍ୟ ଶରୀରରୁ ବର୍ଜ୍ୟବସ୍ତୁକୁ ବାହାର କରିବାରେ ବୃକ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ହେଲେ ବିଶୃଙ୍ଖଳିତ ଜୀବନଚର୍ଯ୍ୟା, ଚିନ୍ତା, ଅଧିକ ତେଲ ମସଲାଯୁକ୍ତ ଖାଦ୍ୟ ଓ କମ୍ ପାଣି ପିଇବା ଆଦି ଅଭ୍ୟାସରୁ ବୃକ୍କ ଉପରେ ପ୍ରଭାବ ପଡ଼େ। ଅନେକ ଲୋକ କ୍ରନିକ୍ ବୃକ୍କ ରୋଗରେ ପୀଡ଼ିତ ହୁଅନ୍ତି। ତେଣୁ ବୃକ୍କକରୁ ରକ୍ତ କେତେ ପରିଷ୍କାର ହୁଏ, ଶରୀରରେ ବର୍ଜ୍ୟବସ୍ତୁ ଏବଂ ତରଳ ପଦାର୍ଥ ଭଲଭାବେ ଛାଣି ହେଉଛି କି ନାହିଁ ଜାଣିବାକୁ ଜିଏଫ୍ଆର୍ ଟେଷ୍ଟ କରାଯାଏ। ଯେଉଁମାନଙ୍କର ବୃକ୍କ ସଂକ୍ରମଣ ହୁଏ ସେମାନଙ୍କ ପାଇଁ ଏହି ପରୀକ୍ଷା ଗୁରୁତ୍ୱପୂର୍ଣ୍ଣ। ଗ୍ଲୋମେରୁଲାର ଫିଲ୍ଟ୍ରେସନ ରେଟ୍ (ଜିଏଫ୍ଆର୍) ଟେଷ୍ଟ ବୃକ୍କ ସ୍ୱାସ୍ଥ୍ୟର ଯାଞ୍ଚ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ରକ୍ତ ପରୀକ୍ଷା। ଜିଏଫ୍ଆର୍ ୯୦ କିମ୍ବା ଏହାଠୁ ଅଧିକ ସାଧାରଣ ସ୍ଥିତିକୁ ସୂଚାଏ। ୬୦ରୁ ୮୯ ଜିଏଫ୍ଆର୍ ବୃକ୍କ ରୋଗ ଆରମ୍ଭର ସଙ୍କେତ। ୩୦ରୁ ୫୯ ବୃକ୍କ ରୋଗ ଏବଂ ୧୫ରୁ ୨୯ ଗମ୍ଭୀର ରୋଗ ଏବଂ ୧୫ରୁ କମ୍ ଜିଏଫ୍ଆର୍‌ସ୍ତର ବୃକ୍କ ଅଚଳକୁ ଦର୍ଶାଇଥାଏ। କମ୍ ଜିଏଫ୍ଆର୍ ଅଣ୍ଟାପଣ, ବାନ୍ତି, ପାଦ ଫୁଲିବାର ସଙ୍କେତ ଦିଏ। ତେଣୁ ବୃକ୍କକୁ ସୁସ୍ଥ ରଖିବାକୁ ସନ୍ତୁଳିତ ଖାଦ୍ୟ ସେବନ, ଦିନକୁ ୩ ଲିଟର ପାଣି ପିଇବା, ରକ୍ତଚାପ, ରକ୍ତ ଶର୍କରାକୁ ନିୟନ୍ତ୍ରଣରେ ରଖିବା ଏବଂ ନିୟମିତ ବ୍ୟାୟାମ କରିବା ଆବଶ୍ୟକ। ଆବଶ୍ୟକସ୍ଥଳେ ଡାକ୍ତରଙ୍କ ପରାମର୍ଶରେ ଔଷଧ ସେବନ କରିବା ଆବଶ୍ୟକ।

ସ୍ମାର୍ଟ ଏୟାର୍ ପ୍ୟୁରିଫାୟାର୍

ଭାରତର ପ୍ରମୁଖ ସହରମାନଙ୍କରେ ଲୋକେ ବାୟୁ ପ୍ରଦୂଷଣ ଯୋଗୁଁ ଅଣନିଃଶ୍ୱାସୀ ହେଉଛନ୍ତି। ପ୍ରଦୂଷିତ ବାୟୁରୁ ସୁରକ୍ଷା ପାଇଁ ଲୋକେ ମାସ୍କ ସହିତ ଘରେ ଏୟାର୍ ପ୍ୟୁରିଫାୟାର୍ (ବାୟୁ ଶୋଧକ ଯନ୍ତ୍ର) ବ୍ୟବହାର କରୁଛନ୍ତି। ହେଲେ ଏବେ ବାହାରକୁ ଯିବା ସମୟରେ ଲୋକେ ଏୟାର୍ ପ୍ୟୁରିଫାୟାର୍ ବ୍ୟବହାର କରିପାରିବେ। ଏନେଇ ଭାରତୀୟ ଷ୍ଟାର୍ଟଅପ୍ ଆଟୋଭିଓ ଦ୍ୱାରା ଏକ ପିନ୍ଧିବା ଯୋଗ୍ୟ ସ୍ମାର୍ଟ ଏୟାର୍ ପ୍ୟୁରି ଫାୟାର୍ ତିଆରି କରାଯାଇଛି। ଏହା ବାୟୁକୁ ଶୁଦ୍ଧ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିବ। ଏହାର ନାଁ ପେବଲ। ଏହା ଛୋଟ, ହାଲୁକା ଏବଂ ଏକ ସ୍ମାର୍ଟ ଉପକରଣ। ଏହାକୁ ବେକରେ ଲକେଟ୍ ପରି ପିନ୍ଧି ପାରିବେ। ଏହାକୁ ପିନ୍ଧିବା ଦ୍ୱାରା ଉପକରଣଟି ମୁହଁ ଚାରିପାଖେ ପ୍ରଦୂଷିତ କଣିକାକୁ ହ୍ରାସ କରି ବାୟୁକୁ ଶୁଦ୍ଧ କରିବ। ଏହି ଉପକରଣ ଇନେଗେଟିଭ ଆୟନ କୌଶଳକୁ ଉପଯୋଗ କରିଥାଏ। ଏହା ବାୟୁରେ ଥିବା ଧୂଳି ଏବଂ ଅନ୍ୟ କ୍ଷତିକାରକ କଣିକାକୁ ଶୁଦ୍ଧ କରିଥାଏ। କମ୍ପାନୀ ଅନୁସାରେ, ଆଇଆଇଟି କାନପୁରର ନ୍ୟାସନାଲ ଏରୋସୋଲ୍ ଫ୍ୟାସିଲିଟିରେ ଏନେଇ ଏକ ପରୀକ୍ଷା କରାଯାଇଥିଲା। ଏହି ପରୀକ୍ଷାଣରୁ ଏହି ଉପକରଣଟି ୯୦% ପ୍ରଦୂଷଣ ହ୍ରାସ କରିବାରେ ସକ୍ଷମ ବୋଲି ଜଣାପଡ଼ିଛି। ତେବେ ବର୍ତ୍ତମାନ ୪୦,୦୦୦ରୁ ଅଧିକ ଲୋକ ଏହାକୁ ବ୍ୟବହାର କରିଥିବା କମ୍ପାନୀ ମତ ରଖିଛି।

ଉତ୍କଳ ସମାଚାର

ସମ୍ପାଦକୀୟ...

ଶନିବାର ୪ ଏପ୍ରିଲ ୨୦୨୬

ଘୁଞ୍ଚୁଥିବା ପଦ୍ମ

ଅନେକ ପର୍ଯ୍ୟବେକ୍ଷକ ଆଶା କରୁଥିଲେ ଯେ ତୃତୀୟ ପାଳିର ମୋଦୀ ସରକାର ଅମଳର ସର୍ବପ୍ରଥମ ଜିଏସ୍‌ଟି କାଉନ୍‌ସିଲ୍ ବୈଠକରେ ଅନ୍ତତଃ ପେଟ୍ରୋଲ୍ ଡିଜେଲ୍ ଆଦି ଦ୍ରବ୍ୟମାନଙ୍କୁ ଜିଏସ୍‌ଟିର ପରିସରଭୁକ୍ତ କରାଯାଇ ସେଥିରେ ଥିବା ଏହି ବିକୃତିକୁ ଦୂର କରାଯିବ । କିନ୍ତୁ ପଦ୍ମ ଘୁଚିଂଘୁଚିଂ ଯିବା ଭଳି ପରବର୍ତୀ ବୈଠକରେ ଏ ସଂପର୍କରେ ନିଷ୍ପତି ନିଆଯିବ ବୋଲି ସୂଚନା ପ୍ରକାଶ ପାଉଛି । ଅର୍ଥଶାସ୍ତ୍ରର ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କୁ ଜଣା ଯେ ବିକ୍ରୟ କର/ଭ୍ୟାଟ୍/ଏକ୍ସାଇଜ୍ ଡ୍ୟୁଟି ଭଳି ପରୋକ୍ଷ କରମାନ ସୂତ୍ରରୁ ସରକାର ଯେତେବେଳେ ରାଜସ୍ୱ ସଂଗ୍ରହ କରନ୍ତି, ତାହା ଦ୍ୱାରା ଏକ ପୂର୍ଣ୍ଣ ପ୍ରତିଯୋଗିତାମୂଳକ ବଜାରର କାର୍ଯ୍ୟଦକ୍ଷତା ବାଧା ପାଇଥାଏ, ଯାହା ଦେଶର ସାମଗ୍ରିକ ଅର୍ଥନୀତି ପାଇଁ ହାନିକାରକ ହୋଇଥାଏ । ତେବେ ବିଭିନ୍ନ କାରଣରୁ ସରକାର ଯେହେତୁ ପରୋକ୍ଷ କରକୁ ହାତଛଡ଼ା କରିବାକୁ ଚାହାନ୍ତି ନାହିଁ, ଭାରତରେ ଏହି କରର ମନ୍ଦ ପ୍ରଭାବଗୁଡ଼ିକୁ ଯେତେଦୂର ସମ୍ଭବ ସୀମିତ କରିବା ଉଦ୍ଦେଶ୍ୟରେ ଦୀର୍ଘକାଳର କସରତ ପରେ ଶେଷରେ ୨୦୧୭ ଜୁଲାଇ ପହିଲା ଠାରୁ ଏକାଧିକ କିସମର ପରୋକ୍ଷ କରମାନଙ୍କୁ ହଟାଇ ସେମାନଙ୍କ ସ୍ଥାନରେ ଗୋଟିଏ 'ଜିଏସ୍‌ଟି' ନାମକ ପରୋକ୍ଷ କର ପ୍ରବର୍ତନ କରାଯାଇଛି । ଏହି ନୂତନ ଟିକସ ସଂପର୍କିତ ନୀତିନିର୍ଦ୍ଧାରଣ ଦାୟିତ୍ୱ ନ୍ୟସ୍ତ କରାଯାଇଛି ଉଭୟ କେନ୍ଦ୍ର ଓ ରାଜ୍ୟମାନଙ୍କର ବିତ ମନ୍ତ୍ରଣାଳୟମାନଙ୍କର ପ୍ରତିନିଧିତ୍ୱ କରୁଥିବା ଏକ ଶୀର୍ଷ ସଂଗଠନ ହାତରେ, ଯାହାର ନାମ ହେଉଛି- 'ଜିଏସ୍‌ଟି କାଉନ୍ ?ସିଲ୍' । ଉଲ୍ଲେଖଯୋଗ୍ୟ ଯେ ଦେଶରେ ପରୋକ୍ଷ କର ବ୍ୟବସ୍ଥାର ଦକ୍ଷତା ବୃଦ୍ଧି ପାଇଁ 'ଜିଏସ୍‌ଟି'ର ପ୍ରବର୍ତନ କରାଯାଉଥିଲେ ହେଁ, ଏଥିପାଇଁ ଯେଉଁସବୁ ସଂସ୍କାର ଲୋଡ଼ା ତାହା ଆରମ୍ଭ ସମୟରୁ ଏକାଥରକେ କାର୍ଯ୍ୟକାରୀ ହୋଇ ପାରି ନ ଥିଲା । ଉଭୟ ପକ୍ଷର ସ୍ୱାର୍ଥରକ୍ଷା କରି କ୍ରମଶଃ ଏହି ସଂସ୍କାରମାନ କାର୍ଯ୍ୟକାରୀ କରିବା ଦାୟିତ୍ୱ ଏହି 'ଜିଏସ୍‌ଟି କାଉନ୍‌ସିଲ୍' ଉପରେ ନ୍ୟସ୍ତ କରାଯାଇଛି । ସେଇ ସମୟରୁ ଆରମ୍ଭ କରି ବର୍ତ୍ତମାନ ପର୍ଯ୍ୟନ୍ତ ତେଣୁ ପର୍ଯ୍ୟବେକ୍ଷକମାନେ ପ୍ରତିଥର ଜିଏସ୍‌ଟି କାଉନ୍‌ସିଲ୍‌ର ବୈଠକକୁ ଚାତକ ପରି ଚାହିଁ ରହିଥାନ୍ତି, ଏଥର ସେଥିରୁ କି ଫଳାଫଳ ବାହାରିବ ଦେଖିବା ପାଇଁ । ଜୁନ୍ ୨୨ ଶନିବାର ଦିନ ଏହି ଶୀର୍ଷ ନିୟନ୍ତ୍ରକ ସଂସ୍ଥାର ୫୩ତମ ବୈଠକକୁ ସେଇ ଧାରାର ଅଂଶସ୍ୱରୂପ ତେଣୁ ସମସ୍ତେ ଅପେକ୍ଷା କରି ରହିଥିଲେ । ଜିଏସ୍‌ଟି କାଉନ୍‌ସିଲ୍‌ର ଏହି ବୈଠକର ଅନ୍ୟ ଯେଉଁ ଏକ ବିଶେଷତ୍ୱ ଥିଲା, ତାହା ହେଲା କେନ୍ଦ୍ରରେ ନରେନ୍ଦ୍ର ମୋଦୀଙ୍କ ତୃତୀୟ ପାଳି ସରକାରରେ ଏହା ଥିଲା ସର୍ବପ୍ରଥମ 'ଜିଏସ୍‌ଟି କାଉନ୍‌ସିଲ୍' ବୈଠକ । ଏହି ବୈଠକ ପରେ କେନ୍ଦ୍ର ବିତ୍ତମନ୍ତ୍ରୀ ନିର୍ମଳା ସୀତାରମଣ ପ୍ରଦାନ କରିଥିବା ସୂଚନା ଅନୁସାରେ ଜିଏସ୍‌ଟିକୁ ଏକ କରଦାତା-ଅନୁକୂଳ ଟିକସ ବ୍ୟବସ୍ଥାରେ ପରିଣତ କରିବା ଲକ୍ଷ୍ୟ ନେଇ କରଦାତାମାନଙ୍କ ଉପରେ ଲଦା ଯାଉଥିବା ଅନୁପାଳନ ବୋଝ (କମ୍ପ୍ଲାଏନ୍‌ସ ବର୍ଡନ୍) ହ୍ରାସ କରିବା ନିମିତ ବୈଠକରେ କେତେଗୁଡ଼ିଏ ନିଷ୍ପତି ଗ୍ରହଣ କରାଯାଇଛି । ଉଦାହରଣ ସ୍ୱରୂପ ଠକେଇ ସହିତ ସଂପୃକ୍ତ ନ ଥିବା ମାମଲାମାନଙ୍କରେ ଆଉ କରଦାତାଙ୍କ ଦେୟ ଉପରେ ସୁଧ ଲାଗିବ ନାହିଁ କିମ୍ବା ଅର୍ଥଦଣ୍ଡ ଲାଗୁ ହେବନାହିଁ । ଯେଉଁ ମାମଲାରେ ରାୟ ସରକାରଙ୍କ ବିରୋଧରେ ପ୍ରଦତ୍ତ ହେବ, ସେପରି ଘଟଣାମାନଙ୍କରେ ଡିପାର୍ଟମେଂଟ ଆଉ ପୂର୍ବଭଳି ଯନ୍ତ୍ରବତ୍ ଏହା ବିରୋଧରେ ଉପର ଅଦାଲତରେ ଅପିଲ କରିବ ନାହିଁ । ଏବେ ପ୍ରଚଳିତ ଥିବା ଜିଏସ୍‌ଟିରେ ଅନ୍ତର୍ଭୁକ୍ତ ଲାଭଖୋରି-ବିରୋଧୀ ବ୍ୟବସ୍ଥା (ଆଟିଂ-ପ୍ରଫିଟିଅରିଙ୍ଗ୍ ମେକାନିଜ୍‌ମ) କରଦାତାମାନଙ୍କୁ ହରକତ କରିବାର ଏକ ମାଧ୍ୟମ ବୋଲି ବହୁତ ସମାଲୋଚିତ ହୋଇଆସିଛି । ୨୦୨୫ ଏପ୍ରିଲ୍ ପହିଲାରେ ଏହା ଉପରେ ଯବନିକା ପତନ ହେବ ବୋଲି ଏହି ବୈଠକରେ ନିଷ୍ପତି ଗ୍ରହଣ କରାଯାଇଛି । କିନ୍ତୁ କର ବ୍ୟବସ୍ଥାରେ ଏକ ବୃହତ୍ ସଂସ୍କାର ସ୍ୱରୂପ ଜିଏସ୍‌ଟି ପ୍ରବର୍ତନ ହେବାର ସାତ ବର୍ଷ ବିତିଯାଇଥିଲେ ହେଁ ଏହାର ମୌଳିକ ଗଠନରେ ତଥାପି ରହିଯାଇଥିବା କେତେକ ଦୁର୍ବଳତା ଯେ ଏ ପର୍ଯ୍ୟନ୍ତ ସଂସ୍କାର ଅପେକ୍ଷାରେ ରହିଛି, ତାହା କେହି ହେଲେ ଅସ୍ୱୀକାର କରିପାରିବେ ନାହିଁ । ଏକ ଉଦାହରଣ ସ୍ୱରୂପ କେନ୍ଦ୍ର ଓ ରାଜ୍ୟ ସ୍ତରରେ ବର୍ତମାନ ଯେଉଁଭଳି ଭିନ୍ନ ଭିନ୍ନ ଜିଏସ୍‌ଟି ବ୍ୟବସ୍ଥା କାର୍ଯ୍ୟ କରୁଛି, ତାହା ନିଶ୍ଚିତ ରୂପେ ଏକ ଆଦର୍ଶ ସରଳ ବ୍ୟବସ୍ଥାର ପରିଚାୟକ ନୁହେଁ । ବିଶେଷ କରି ଜିଏସ୍‌ଟିକୁ ଯେତେବେଳେ 'ଗୋଟିଏ ରାଷ୍ଟ୍ର, ଗୋଟିଏ କର' ('ୱାନ୍ ନେସନ୍, ୱାନ୍ ଟ୍ୟାକ୍ସ') ସ୍ଲୋଗାନ୍‌ର ବାହକ ରୂପେ ପ୍ରଦର୍ଶିତ କରାଯାଇ ଏହାର ପ୍ରବର୍ତନ କରାଯାଇଥିଲା, ଏତେ ବର୍ଷ ପରେ ମଧ୍ୟ ତାହା କାହିଁକି ବାସ୍ତବତାରେ ପରିଣତ ହୋଇ ନ ପାରିବ, ତାହାର କୌଣସି ସନ୍ତୋଷଜନକ କାରଣ ନାହିଁ । ଜିଏସ୍‌ଟିର ସମର୍ଥକମାନେ ଆଦରରେ ଏହାର ଅକ୍ଷରଗୁଡ଼ିକର ସଂପ୍ରସାରଣ କରି ଏହାକୁ 'ଗୁଡ୍‌ସ ଆଣ୍ଡ୍ ସର୍ଭିସେସ୍ ଟ୍ୟାକ୍ସ' ବୋଲି ନ କହି ଏହାକୁ ଯେଉଁ ନାମରେ ପ୍ରଦର୍ଶିତ କରିଥାନ୍ତି, ତାହା ହେଲା- 'ଗୁଡ୍ ଆଣ୍ଡ୍ ସିମ୍ପଲ୍ ଟ୍ୟାକ୍ସ' ('ଉତମ ଓ ସରଳ କର') । ଆମ ଦେଶରେ କିନ୍ତୁ ଯେଉଁ ରୂପରେ ଏ ପର୍ଯ୍ୟନ୍ତ ଜିଏସ୍‌ଟି କାର୍ଯ୍ୟ କରି ଚାଲିଛି, ତାହାକୁ ସରଳ ବୋଲି ପ୍ରମାଣପତ୍ର ପ୍ରଦାନ କରାଯାଇପାରିବ ନାହିଁ । ଏଭଳି ଏକ ଆଦର୍ଶ ସରଳ ପରୋକ୍ଷ କର ବ୍ୟବସ୍ଥାରେ କେବଳ ଗୋଟିଏ ମାତ୍ର କର ହାର ଲାଗୁ କରାଯାଉଥିବା ଆଶା କରାଯାଏ; ଏଠାରେ ବଳବନ୍ତର ଥିବା ଜିଏସ୍‌ଟିରେ କିନ୍ତୁ ଏ ପର୍ଯ୍ୟନ୍ତ ୫ଟି ଭିନ୍ନ ଭିନ୍ନ ହାର ବିଭିନ୍ନ ଦ୍ରବ୍ୟ ଓ ସେବାମାନଙ୍କ ପ୍ରତି ଲାଗୁ ହେଉଛି । ପୁଣି ନିର୍ଦ୍ଦିଷ୍ଟ ଦ୍ରବ୍ୟ ଓ ସେବାମାନଙ୍କ ପ୍ରତି ଲାଗୁ ହେଉଥିବା କର ହାର ଅନେକ କ୍ଷେତ୍ରରେ ଯଥାର୍ଥ ମନେ ହୋଇ ନ ଥାଏ । ଜିଏସ୍‌ଟି କର ହାର ଓ ସ୍ଲାବ୍‌ମାନଙ୍କୁ ଯେ ଅଧିକ ଯୁକ୍ତିସଂଗତ କରିବା (ରେସନାଲାଇଜେସନ୍)ର ଆବଶ୍ୟକତା ରହିଛି, ତାହା ଅର୍ଥନୀତିଜ୍ଞମାନଙ୍କ ଠାରୁ ଆରମ୍ଭ କରି ଟିକସ-କର୍ତୃପକ୍ଷମାନଙ୍କ ପର୍ଯ୍ୟନ୍ତ ସମସ୍ତେ ଅନୁଭବ କରୁଛନ୍ତି । ଏକାଧିକ ଟିକସ ହାର କାର୍ଯ୍ୟ କରିବା ଦ୍ୱାରା ନିର୍ଦ୍ଦିଷ୍ଟ ଗୋଷ୍ଠୀର କରଦାତାମାନଙ୍କର ତୁଷ୍ଟୀକରଣ ନିମିତ ସଂପୃକ୍ତ ହାରରେ ପରିବର୍ତନ ଘଟାଇବାର ସୁଯୋଗ ସୃଷ୍ଟି ହୋଇଥାଏ, ଯାହା ଦୁର୍ନୀତିର ସମ୍ଭାବନାକୁ ଜନ୍ମ ଦେଇଥାଏ । ଏଠାରେ ପ୍ରବର୍ତ୍ତିତ ଜିଏସ୍‌ଟିର ପରିସରରୁ ମଦ, ପେଟ୍ରୋଲ୍, ଡିଜେଲ୍ ଆଦି ବହିର୍ଭୂତ ହେବା ଏହି ବ୍ୟବସ୍ଥାର ଏକ ବିଶେଷ ଦୁର୍ବଳତା ରୂପେ ବିବେଚିତ ହୋଇଥାଏ । ରାଜ୍ୟମାନଙ୍କର ଚାପ ଯୋଗୁଁ ଏହି ପଦାର୍ଥମାନଙ୍କୁ ଏ ପର୍ଯ୍ୟନ୍ତ ଜିଏସ୍‌ଟି ଅଧୀନକୁ ଅଣାଯାଇ ପାରିନାହିଁ ।

ଡବଲ ଇଞ୍ଜିନ ସରକାର ନେଇ ଅନୁଚିନ୍ତା

ଓଡ଼ିଶାର ଡବଲ ଇଞ୍ଜିନ ସରକାର ଗତ ଦୁଇ ବର୍ଷ ମଧ୍ୟରେ ଦ୍ରୁତ ଗତିରେ କେତୋଟି ମାଇଲଖୁଂଟ ଅତିକ୍ରମ କରିଛି, ତାହାର ଏକ ନିରାସକ୍ତ ଅନୁଶୀଳନ ଆବଶ୍ୟକ । ୨୦୨୪ ନିର୍ବାଚନରେ ଓଡ଼ିଶା ୨୧ ମଧ୍ୟରୁ ୨୦ ଜଣ ଭାଜପା ସାଂସଦଙ୍କୁ ନିର୍ବାଚିତ କରିବା ସହିତ ରାଜ୍ୟରେ ଭାଜପା ସରକାର ଗଢ଼ିଥିବାରୁ ପ୍ରଧାନମନ୍ତ୍ରୀ ଓଡ଼ିଶା ପ୍ରତି କୃତଜ୍ଞତା ଜଣାଇବା ପାଇଁ ଆଜି ଯାଏ ୭ ଥର ଆସି ସାରିଲେଣି ଏବଂ ଅପେକ୍ଷାକୃତ ଅନଭିଜ୍ଞ ସରକାରଙ୍କୁ ବଳ ଓ ସାହସ ଦେଇ ବିକଶିତ ଭାରତ ଗଠନର ମନ୍ତ୍ର ଫୁଙ୍କିଛନ୍ତି । ଅଥଚ ଓଡ଼ିଶା ସରକାର କେନ୍ଦ୍ର ସରକାରଙ୍କ ବାରଣ ସତ୍ତ୍ୱେ ଇନ୍‌ପୁଟ୍ ସବସିଡି ଦେଇ ଧାନ କିଣୁଛନ୍ତି । କେନ୍ଦ୍ରୀୟ ପ୍ରୋତ୍ସାହନ ମିଳୁଥିବା ସତ୍ତ୍ୱେ ଡାଲି ଓ ତୈଳବୀଜ ଫସଲ ଚାଷକୁ ପରୋକ୍ଷରେ ନିରୁତ୍ସାହିତ କରୁଛନ୍ତି । ଡବଲ ଇଞ୍ଜିନ ସରକାର ବୋଲି ଯେଉଁ ବହୁଳ ବ୍ୟବହୃତ ଅଭିବ୍ୟକ୍ତିଟିଏ ଆମେମାନେ ଶୁଣି ଆସୁଛୁ, ତାହାର ସାଂବିଧାନିକ ଯଥାର୍ଥତା ନେଇ ବିଶେଷ ଚିନ୍ତନ ହେଉ ନାହିଁ । ତାହାର କିନ୍ତୁ ଆବଶ୍ୟକତା ରହିଛି । କେନ୍ଦ୍ର ସରକାର ଗୋଟିଏ ଦଶନ୍ଧି ହେଲାଣି ଦୋହରାଇ ଆସୁଛନ୍ତି 'ପୂର୍ବୋଦୟ' କଥା, ଯେଉଁଥିରେ ଦେଶର ପୂର୍ବାଂଚଳ ରାଜ୍ୟମାନଙ୍କର ବିକାଶ କରିବାର ସଂକଳ୍ପ ନିଆଯାଇଛି- ରାଜ୍ୟମାନଙ୍କରେ ଯେଉଁ ଦଳର ସରକାର ଥାଆନ୍ତୁ ନା କାହିଁକି । କିଛି ବର୍ଷ ତଳେ ଓଡ଼ିଶା ସମେତ ପଶ୍ଚିମବଙ୍ଗ, ତ୍ରିପୁରା ଭଳି ଉତ୍ତର-ପୂର୍ବାଂଚଳ ରାଜ୍ୟରେ ଭାରତୀୟ ଜନତା ପାର୍ଟି (ଭାଜପା) ସରକାର ନଥିଲେ ବି କେନ୍ଦ୍ର ସରକାର କୌଣସି ରାଜ୍ୟକୁ ଅବହେଳା କରି ନାହାନ୍ତି । ଭିତିଭୂମି ନିର୍ମାଣ ଉପରେ ଗୁରୁତ୍ୱ ଦେବା ସହିତ ସମାବେଶୀ ବିକାଶ ଦିଗରେ ନିରନ୍ତର ପ୍ରାଧାନ୍ୟ ଦେଇ ଆସୁଛନ୍ତି । ସେଥିପାଇଁ, ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ଗଢ଼ାଗଲା ପରେ ଆଖିଦୃଶିଆ ପରିବର୍ତନ ଦେଖୁ ନଥିବାରୁ ଓଡ଼ିଶାବାସୀ କିଛି ଅଧିକ ପାଇଥିବାର ଅନୁଭବ କରିପାରୁ ନାହାନ୍ତି । ବହୁଇପ୍ସିତ ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ କାରଖାନା ଆନ୍ଧ୍ର ଚାଲିଗଲା । ଦୁଇ ବର୍ଷରେ ଓଡ଼ିଶାରେ ଗୋଟିଏ ବି ଜଳସେଚନ ପ୍ରକଳ୍ପ ନିର୍ମାଣ ଆରମ୍ଭ ହୋଇନି, ଗୋଟିଏ ବି କୃଷିଭିତିକ ଶିଳ୍ପ ଯଥା ସୂତା, ଲୁଗା, ଝୋଟ, ଚିନି କାରଖାନା ବସି ନାହିଁ କିମ୍ବା ବନ୍ଦ ହୋଇଯାଇଥିବା କାରଖାନାର ଆଧୁନିକୀକରଣ କରାଯାଇନି । ଗୋଟିଏ ବି ସାମୁଦ୍ରିକ ବନ୍ଦର କିମ୍ବା ବିମାନ ବନ୍ଦର ନିର୍ମାଣ ଆରମ୍ଭ ହୋଇନି । କେନ୍ଦ୍ର ସରକାର 'ଉଡାନ-୨' ଆରମ୍ଭ କରିସାରିଥିଲେ ବି ପୁରୀ ବିମାନବନ୍ଦର କାମ ଆଗେଇପାରିନି । ଗୋଟିଏ ବି ବନ୍ଦ ପଡ଼ିଥିବା ଶୀତଳଭଣ୍ଡାର ଚାଲୁ ହୋଇନି କିମ୍ବା ନୂଆ ନିର୍ମାଣ ହୋଇନାହିଁ । କେବଳ ଯୋଜନା ତିଆରି, ପ୍ରତିଶ୍ରୁତି ପ୍ରଦାନ ଓ ସେସବୁର ପ୍ରଚାର ଚାଲିଛି । ୧୫୫ ମେଟ୍ରିକ ଟନ ତଟକା ଫଳ ଓ ପରିବା ୧୦ଟି ଦେଶକୁ ରପ୍ତାନି କରିଥିବା କଥା ସରକାର କହୁଥିଲେ ବି ସେସବୁର ପ୍ରକ୍ରିୟାକରଣ ପାଇଁ କ୍ଷୁଦ୍ରଶିଳ୍ପ ପ୍ରତିଷ୍ଠା ହୋଇ ନାହିଁ । କୃଷି ଗବେଷଣା ପାଇଁ ଉଚ୍ଚ ପ୍ରଯୁକ୍ତିବିଦ୍ୟାସଂପନ୍ନ ଗବେଷଣାଗାର ପ୍ରତିଷ୍ଠା ହୋଇ ନାହିଁ କିମ୍ବା ଚାଷୀଙ୍କ ପାଖରେ ଆଧୁନିକତମ ଜ୍ଞାନକୌଶଳ ପହଂଚାଇବା ପାଇଁ କ୍ଷେତ୍ର କର୍ମଚାରୀ ନିଯୁକ୍ତ ହେଉନାହାନ୍ତି । କେନ୍ଦ୍ର ସରକାର ବୁଲେଟ ଟ୍ରେନ ଚଳାଇବାପାଇଁ ପ୍ରସ୍ତୁତ ହେଲା ବେଳକୁ ରାଜ୍ୟ ସରକାରଙ୍କ ଇଞ୍ଜିନ ପାନ୍ଥନିବାସରେ ପଖାଳ ଖାଇ ବିଶ୍ୱ ରେକର୍ଡ କରି ଖୁସି ହେଉଛି । କି ହେବ ଡବଲ୍ ଇଞ୍ଜିନ୍ ହେଲେ ? ଓଡ଼ିଶାର ଚାଷୀ ପରିବାରର ମାସିକ ଆୟ ସରକାରୀ ହିସାବରେ ୫,୧୧୨ ଟଙ୍କା, ଯାହାକି ଝାରଖଣ୍ଡକୁ ଛାଡ଼ି ଦେଲେ ଦେଶରେ ସର୍ବନିମ୍ନ । ଓଡ଼ିଶା ସରକାର ୨୦୨୫ ଜୁନ୍ ? ମାସରେ ପ୍ରସ୍ତୁତ କରିଥିବା ଭିଜନ ଡକ୍ୟୁମେଂଟରେ କହିଛନ୍ତି ଯେ, ୨୦୪୭ ବେଳକୁ ଚାଷୀଙ୍କ ଆୟ ଦେଶର ପ୍ରଥମ ପାଂଟି ରାଜ୍ୟ ତାଲିକାରେ ରହିବ । ବର୍ତମାନ ଯେଉଁ ୫ଟି ରାଜ୍ୟର ଚାଷୀଙ୍କ ଆୟ ସର୍ବୋଚ୍ଚ ସ୍ତରରେ ଅଛି, ସେମାନଙ୍କର ଆୟ ୧୮,୮୯୧ ଟଙ୍କାରୁ ୨୯,୩୪୮ ଟଙ୍କା ମଧ୍ୟରେ । ୨୦୪୭ ବେଳକୁ ଏହା ୫୦ ହଜାର ଉପରେ ଥିବ । ଏଥର ବଜେଟରେ କୃଷି, ଉଦ୍ୟାନ, ମତ୍ସ୍ୟ, ପ୍ରାଣୀ ସମ୍ପଦ ଓ ସମବାୟ ବିଭାଗ ପାଇଁ ବ୍ୟୟ ବରାଦ ଗତ ବର୍ଷ ତୁଳନାରେ ମାତ୍ର ୦.୮୯ ପ୍ରତିଶତ ବଢ଼ାଯାଇଛି । ମୁଦ୍ରାସ୍ଫୀତି ହାର ୪ ପ୍ରତିଶତରୁ ଅଧିକ ରହୁଥିବାରୁ କୃଷି କ୍ଷେତ୍ରରେ ବ୍ୟୟବରାଦ ବାସ୍ତବରେ କମିଛି, ବଢ଼ି ନାହିଁ । କେନ୍ଦ୍ର ସରକାର ରେଳ ବଜେଟକୁ ସାଧାରଣ ବଜେଟରେ ମିଶାଇ ଗୋଟିଏ କଲାବେଳେ, ଓଡ଼ିଶାରେ ଏବେ ବି ସ୍ୱତନ୍ତ୍ର କୃଷି ବଜେଟ ଆଗତ ହେଉଛି । ଡବଲ ଇଞ୍ଜିନ ଏକ ସୁନ୍ଦର ନିର୍ବାଚନୀ ସ୍ଲୋଗାନ । ଏହା କାନକୁ ମଧୁର ଶୁଣାଯାଉଥିବା, ନିରପେକ୍ଷ ମନେ ହେଉଥିବା ଦୁଇଟି ଶବ୍ଦ । ଗୋଟିଏ ରାଜନୈତିକ ଦଳ ଏକାକୀ କିମ୍ବା ମେଂଟ ମାଧ୍ୟମରେ କେନ୍ଦ୍ର ଓ ରାଜ୍ୟରେ ସରକାର ଗଢ଼ି, ମିଳିତ ଭାବେ ବିକାଶକୁ ଅଧିକ ଗତିରେ ଆଗେଇବାର ପ୍ରତ୍ୟୟ ସୃଷ୍ଟି କରୁଥିବା ଏକ ଯାଦୁକରୀ ସ୍ଲୋଗାନ । ଭାରତରେ ସଂଘୀୟ ବ୍ୟବସ୍ଥା ରହିଛି, ଯେଉଁଠି ବିଭିନ୍ନତା ମଧ୍ୟରେ ଏକତା ହିଁ ମୂଳମନ୍ତ୍ର । କେନ୍ଦ୍ର ଓ ରାଜ୍ୟରେ ଯେଉଁ ଦଳର ସରକାର ରହୁ ନା କାହିଁକି, ଦୁହେଁ ସମନ୍ୱୟ ରକ୍ଷା କରି ବଢ଼ନ୍ତି । ଏହା ହିଁ ସହଯୋଗମୂଳକ ସଂଘବାଦ । କିନ୍ତୁ ଡବଲ ଇଞ୍ଜିନ ସ୍ଲୋଗାନ ସୂଚାଇଥାଏ ଯେ କେନ୍ଦ୍ର ଅନୁରୂପ ଦଳ ଦ୍ୱାରା ଶାସିତ ରାଜ୍ୟଗୁଡ଼ିକୁ ବିକାଶ କ୍ଷେତ୍ରରେ ପ୍ରାଥମିକତା ମିଳିଥାଏ । ଏହା ଆମର ସଂଘୀୟ ଭାବନାକୁ ବିଦ୍ରୂପ କରେ । କେନ୍ଦ୍ରରେ ଶାସନ କରୁଥିବା ଦଳର ସଦିଚ୍ଛା, ଦୟା କିମ୍ବା ଦାନ ଉପରେ ରାଜ୍ୟ ସରକାର ନିର୍ଭର କରିବାପାଇଁ ଭାରତର ସମ୍ବିଧାନରେ କୌଣସି ପରିକଳ୍ପନା କରାଯାଇ ନାହିଁ । ପ୍ରତ୍ୟେକ ରାଜ୍ୟର ନାଗରିକ ଯେଉଁ ଦଳକୁ କ୍ଷମତା ଦିଅନ୍ତୁ ନା କାହିଁକି, ରାଜ୍ୟକୁ ଶାସନ କରୁଥିବା ଦଳ ଆଧାରରେ ରାଜସ୍ୱ ଆବଣ୍ଟନ କରାଯାଏ ନାହିଁ । ଭାରତର ସାମ୍ବିଧାନ ପ୍ରଣେତାମାନେ ସାଂସ୍ଥାଗତ ସୁରକ୍ଷା ବ୍ୟବସ୍ଥା ଗଢ଼ିଯାଇଛନ୍ତି । ଧାରା ୨୮୦ ଅନୁଯାୟୀ, ପ୍ରତି ୫ ବର୍ଷରେ ଥରେ ଅର୍ଥ କମିସନ ନିଯୁକ୍ତ ହୁଅନ୍ତି । କମିସନ ରାଜ୍ୟଗୁଡ଼ିକୁ ରାଜ୍ୟର ଆୟ, ଜାତୀୟ ହାର, ଜନସଂଖ୍ୟା, ଭୌଗୋଳିକ ଆକାର ଓ ଆର୍ଥିକ ଦୃଷ୍ଟିରୁ ଅନଗ୍ରସରତା ଇତ୍ୟାଦି ବସ୍ତୁନିଷ୍ଠ ମାନଦଣ୍ଡ ଆଧାରରେ ମୂଲ୍ୟାଙ୍କନ କରି ରାଜସ୍ୱ ଆବଣ୍ଟନ କରନ୍ତି; ରାଜନୈତିକ ଆଧାରରେ ନିର୍ଣ୍ଣୟ କରନ୍ତି ନାହିଁ । ଏଣୁ ଡବଲ ଇଞ୍ଜିନ ସରକାର କାରଣରୁ ଓଡ଼ିଶାକୁ ଅଧିକ ଅର୍ଥ ମିଳିବା ଏକ ଭ୍ରମ । ସ୍ୱାଧୀନୋତରର ଭାରତର ବିରୋଧୀ ଦଳ ଦ୍ୱାରା ଶାସିତ ରାଜ୍ୟଗୁଡ଼ିକରେ ସମ୍ବିଧାନର ୧୫୬ ଧାରା ପ୍ରୟୋଗ କରି ୧୩୪ ଥର ରାଷ୍ଟ୍ରପତି ଶାସନ ଲାଗୁ କରାଯାଇଛି, ଯଦିଓ ବିଗତ ୧୨ ବର୍ଷ ମଧ୍ୟରେ ମାତ୍ର ୬ ଥର ଦେଶ ଏଭଳି ଦୁର୍ଭାଗ୍ୟ ଦେଖିଛି । ନିର୍ବାଚିତ ରାଜ୍ୟ ସରକାରମାନଙ୍କୁ ବରଖାସ୍ତ କରିବା ପାଇଁ ଏହି ଧାରାର ବାରମ୍ବାର ଅପବ୍ୟବହାର କରାଯାଇ ଆସିଛି । ଏବେ କିନ୍ତୁ ରାଜ୍ୟ ସରକାରମାନଙ୍କୁ ବରଖାସ୍ତ ନକରି, ରାଷ୍ଟ୍ରପତି ଶାସନ ଲାଗୁ ନକରି, କେନ୍ଦ୍ର-ରାଜ୍ୟ ରାଜନୈତିକ ସମନ୍ୱୟକୁ ପଣବନ୍ଦୀ ଭାବେ ବ୍ୟବହାର କରିବାର ଆଶଙ୍କା ବଢୁଥିବାର ଦେଖାଦେଉଛି । ଏଣୁ ସ୍ଥିର ସରକାର ଚାହୁଁଥିବା ମତଦାତାଗଣ ତ୍ୱରିତ ବିକାଶ ଆଶାରେ ଡବଲ ଇଞ୍ଜିନ ସରକାର ପରିକଳ୍ପନାକୁ ଆଦରି ନେଉଛନ୍ତି । ଓଡ଼ିଶାର ଡବଲ ଇଞ୍ଜିନ ସରକାର ଗତ ଦୁଇ ବର୍ଷ ମଧ୍ୟରେ ଦ୍ରୁତ ଗତିରେ କେତୋଟି ମାଇଲଖୁଂଟ ଅତିକ୍ରମ କରିଛି, ତାହାର ଏକ ନିରାସକ୍ତ ଅନୁଶୀଳନ ଆବଶ୍ୟକ । ୨୦୨୪ ନିର୍ବାଚନରେ ଓଡ଼ିଶା ୨୧ ମଧ୍ୟରୁ ୨୦ ଜଣ ଭାଜପା ସାଂସଦଙ୍କୁ ନିର୍ବାଚିତ କରିବା ସହିତ ରାଜ୍ୟରେ ଭାଜପା ସରକାର ଗଢ଼ିଥିବାରୁ ପ୍ରଧାନମନ୍ତ୍ରୀ ଓଡ଼ିଶା ପ୍ରତି କୃତଜ୍ଞତା ଜଣାଇବା ପାଇଁ ଆଜି ଯାଏ ୭ ଥର ଆସି ସାରିଲେଣି ଏବଂ ଅପେକ୍ଷାକୃତ ଅନଭିଜ୍ଞ ସରକାରଙ୍କୁ ବଳ ଓ ସାହସ ଦେଇ ବିକଶିତ ଭାରତ ଗଠନର ମନ୍ତ୍ର ଫୁଙ୍କିଛନ୍ତି । ଅଥଚ ଓଡ଼ିଶା ସରକାର କେନ୍ଦ୍ର ସରକାରଙ୍କ ବାରଣ ସତ୍ତ୍ୱେ ଇନ୍‌ପୁଟ୍ ସବସିଡି ଦେଇ ଧାନ କିଣୁଛନ୍ତି । କେନ୍ଦ୍ରୀୟ ପ୍ରୋତ୍ସାହନ ମିଳୁଥିବା ସତ୍ତ୍ୱେ ଡାଲି ଓ ତୈଳବୀଜ ଫସଲ ଚାଷକୁ ପରୋକ୍ଷରେ ନିରୁତ୍ସାହିତ କରୁଛନ୍ତି । ରାଜ୍ୟରେ ଆବଶ୍ୟକ ପଣ୍ୟାଗାର ଓ ଗ୍ରାମ୍ୟ ଗୋଦାମ ଘର ନଥିବା ସତ୍ତ୍ୱେ, ସେସବୁ ନିର୍ମାଣ କରିବାର ଉଦ୍ୟମ କରୁନାହାନ୍ତି । ବରଂ ମିଲ୍ ମାଲିକଙ୍କ ଦୟାରେ ଧାନ ସଂଗ୍ରହ କରାଯାଉଛି । ଓଡ଼ିଶା ଲୁହାପଥର ଓ ବକ୍ସାଇଟ ଉତ୍ପାଦନ ତଥା ଇସ୍ପାତ ଓ ଆଲୁମିନିଅମ ଉତ୍ପାଦନରେ ଦେଶରେ ପ୍ରଥମ । ଅଥଚ ମାଲ ଓ ଯାତ୍ରୀବାହୀ ରେଳଡବା କାରଖାନା ପ୍ରତିଷ୍ଠା ହେଉନି । ବିଶ୍ୱବିଦ୍ୟାଳୟରେ କୁଳପତି ନିଯୁକ୍ତି ହୋଇପାରୁନି । ରାଜ୍ୟରେ ଅଧ୍ୟାପକ ଓ ଶିକ୍ଷକ ଦୁର୍ଭିକ୍ଷ ପଡ଼ିଛି । ଦେଶର ମହାମହିମ ରାଷ୍ଟ୍ରପତି ତଥା ପ୍ରଧାନମନ୍ତ୍ରୀଙ୍କ ଦୁଇ ପାରିବାର ସଚିବ ଓଡ଼ିଶାର ସନ୍ତାନ । କେନ୍ଦ୍ର ସରକାରଙ୍କ 'ସବକା ସାଥ୍ ?, ସବକା ବିକାଶ, ସବକା ପ୍ରୟାସ, ସବକା ବିଶ୍ୱାସ' ଓଡ଼ିଶାରେ ବିଫଳ ଭଳି ମନେ ହେଉଛି । ଲୋକଙ୍କ ଆଶା ଓ ବିଶ୍ୱାସ ମଉଳିବାକୁ ଆରମ୍ଭ କଲାଣି । ଛତିଶଗଡ଼ର ଭାଜପା ସରକାର କେବଳ ଖରିଫ୍ ଧାନ କିଣୁଛନ୍ତି, ରବି ଋତୁରେ ଚାଷୀଙ୍କୁ ଡାଲି, ତୈଳବୀଜ ଓ ଅଣ-ଧାନ ଫସଲ ଚାଷ କରିବାକୁ ପ୍ରୋତ୍ସାହନ ଦେଉଛନ୍ତି । ଅଥଚ ଓଡ଼ିଶା ସରକାର ଖରିଫ୍ ଓ ରବି ଧାନ କିଣୁଥିବାରୁ ଚାଷୀମାନେ ରବି ଋତୁରେ ଅଣ-ଧାନ ଫସଲ ଚାଷ କରିବାକୁ ଅନାଗ୍ରହୀ । ଏଥିରେ ଓଡ଼ିଆ ଚାଷୀଙ୍କ ରୋଜଗାର ବଢ଼ିବା ଅସମ୍ଭବ । ଆସାମରେ ମଧ୍ୟ ଭାଜପା ସରକାର ଚାଲିଛି । କେନ୍ଦ୍ର ସରକାର ବନ୍ୟା ସୂଚନା ଦେଉଥିବା ଉପଗ୍ରହ ସେବା ଯୋଗାଇ ପାରୁ ନଥିବାରୁ ଆସାମ ସରକାର ନିଜସ୍ୱ ଅର୍ଥରୁ ପାଂଟି କୃତ୍ରିମ ଉପଗ୍ରହ କିଣୁଛନ୍ତି । ଛତିଶଗଡ଼ ଓ ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ଥାଇ ବି କେନ୍ଦ୍ର ସରକାର ମହାନଦୀ ଜଳ ବିବାଦର ସମାଧାନ କରୁ ନାହାନ୍ତି । ଓଡ଼ିଶୀ ନୃତ୍ୟ ଓ ଓଡ଼ିଆ ଭାଷା କେବେଠୁ ଶାସ୍ତ୍ରୀୟ ମାନ୍ୟତା ହାସଲ କରିସାରିଥିଲେ ବି, ଓଡ଼ିଶୀ ସଙ୍ଗୀତକୁ ଡବଲ ଇଞ୍ଜିନ ସରକାର ଶାସ୍ତ୍ରୀୟ ମାନ୍ୟତା ଦେବାକୁ ଅନିଚ୍ଛୁକ । ଆମ ଦେଶର କୌଣସି ସଙ୍ଗୀତ ଶୈଳୀକୁ ଆଜି ଯାଏ ଶାସ୍ତ୍ରୀୟ ମାନ୍ୟତା ଦିଆଯାଇନାହିଁ ବୋଲି କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ବିବୃତ୍ତି ଦେଉଛନ୍ତି । ଛଉ ନୃତ୍ୟକୁ କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ଶାସ୍ତ୍ରୀୟ ମାନ୍ୟତା ଦେଇ ନଥିଲେ ବି କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ ପ୍ରଦାନ କରି ଉଦାହରଣ ସୃଷ୍ଟି କରିଛନ୍ତି । ସେହିପରି ଏକାଥରକେ ବଙ୍ଗଳା, ମରାଠୀ, ପାଲି, ପ୍ରାକୃତ ଓ ଅହମିୟା ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ମିଳିଥିଲା । ସେହି ନ୍ୟାୟରେ କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ ଚାହିଁଲେ, ଓଡ଼ିଶୀ ସଙ୍ଗୀତକୁ ଶାସ୍ତ୍ରୀୟ ମାନ୍ୟତା ଦେଇ ପାରନ୍ତେ । ଯଦି ଏ ସବୁ ହୋଇ ନ ପାରିବ ତେବେ ଡବଲ ଇଞ୍ଜିନ ସରକାର ଥାଇ ଲାଭ ବା କ'ଣ ?

କାହା ଲାଗି ଘଣ୍ଟି ବାଜେ ?

ଏହି ଯୁଦ୍ଧର ମାସକ ପରେ ଅନୁଭୂତ ହେଉଛି ଯେ ଯୁଦ୍ଧ ବିଧ୍ୱସ୍ତ ଇରାନରୁ ଅକଥନୀୟ ମାନବ ଟ୍ରାଜେଡି ସଂବଳିତ ସମ୍ବାଦର ପ୍ରବାହ ଅତ୍ୟନ୍ତ କ୍ଷୀଣ ! ଏଣେ, ଯୁଦ୍ଧ ନେଇ ତର୍କ ଓ ବ୍ୟାଖ୍ୟାନ ମୁଖର ଗଣମାଧ୍ୟମ ମଂଚରେ ଆଲୋଚନାର ମୁଖ୍ୟ ବିଷୟବସ୍ତୁ ହୋଇଛି ଶକ୍ତି ସଂକଟ, ଟ୍ରମ୍ପଙ୍କ ବାଚାଳ ସୁଲଭ ବୟାନବାଜି, ଯୁଦ୍ଧର ସ୍ୱରୂପ ଓ ସମାପ୍ତି ନେଇ ବିଶେଷଜ୍ଞମାନଙ୍କ ଅସରନ୍ତି ଅନୁମାନ ଓ ଆକଳନ, ଡ୍ରୋନ ବା ଯୁଦ୍ଧ ବିମାନ ବା ବିଶେଷ ସାମରିକ ପ୍ରଯୁକ୍ତି ଇତ୍ୟାଦିକୁ ଘେନି ଜ୍ଞାନର ସଂପ୍ରେଷଣ ଇତ୍ୟାଦି ! ଗଲା ୨୮ ତାରିଖରେ 'ଅପରେସନ ଏପିକ ଫ୍ୟୁରି'କୁ ମାସଟିଏ ପୂରିଲା ଏବଂ ଇସ୍ରାଏଲ-ଆମେରିକା ଦ୍ୱାରା ସଂଘଟିତ ମିଳିତ ଆକ୍ରମଣରେ ମାର୍ଚ୍ଚ ମାସର ପ୍ରଥମ ପ୍ରଭାତ ବେଳକୁ ଇରାନ ଚୂର୍ଣ୍ଣବିଚୂର୍ଣ୍ଣ ହେବାକୁ ଲାଗିଥିଲା । ତେବେ, ଏହି ଯୁଦ୍ଧ କିଭଳି ଉପରୋକ୍ତ ତିନିଟି ରାଷ୍ଟ୍ର ମଧ୍ୟରେ ସୀମାବଦ୍ଧ ନ ରହି ସମଗ୍ର ପୃଥିବୀକୁ କବଳିତ କରସାରିଛି, ସେ ନେଇ ଅଧିକ କୁହାଯିବା ଅନାବଶ୍ୟକ । ସଂପ୍ରତି, ସାମାଜିକ ଗଣମାଧ୍ୟମରେ ପ୍ରସାରିତ ଆକ୍ରମଣର ଆଗ୍ନିକ ଦୃଶ୍ୟ ଓ ମଞ୍ଚଥରା ଶବ୍ଦର ପ୍ରାବଲ୍ୟରେ ଯଦିଓ ସମସ୍ତେ ପରିପୃକ୍ତ, ମୃତାହତଙ୍କ ସଂଖ୍ୟା ଓ ପୀଡ଼ିତମାନଙ୍କ ଦୁର୍ଦ୍ଦଶା ଓ ବିସ୍ଥାପନର କାରୁଣ୍ୟ ସଂପର୍କିତ ସୂଚନା ଓ ଚିତ୍ର ବୁନ୍ଦା ପ୍ରାୟ ମିଳିବାରେ ଲାଗିଛି । ଜାତିସଂଘ ଓ ଅନ୍ୟାନ୍ୟ କେତେକ ସୂତ୍ରରୁ ହିସାବ କରାଯାଉଛି ଯେ ଏହି ଅବଧି ମଧ୍ୟରେ କେବଳ ଇରାନରେ ୨୦୦୦ (୩ ଭାରତୀୟଙ୍କ ସମେତ), ଲେବାନନରେ ୧୦୦୦ ଓ ୧୩ ଆମେରିକୀୟ ସୈନ୍ୟଙ୍କ ମୃତ୍ୟୁ ଘଟିଛି ଏବଂ ୨ ନିୟୁତ ଲୋକ ବିସ୍ଥାପିତ ହୋଇ ସାରିଲେଣି । ଏହି ଯୁଦ୍ଧ ତା'ର ଆକାର ଏବଂ ତହିଁରେ ଅନ୍ୟ ରାଷ୍ଟ୍ରମାନଙ୍କ ସଂପୃକ୍ତି ଦୃଷ୍ଟିରୁ ହୁଏତ ଏକ ବିଶ୍ୱଯୁଦ୍ଧର ସମକକ୍ଷ ହୋଇ ନ ପାରେ; କିନ୍ତୁ ଅନୁମାନ କରାଯାଇଥାଏ ଯେ ଏହା ପରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଉପରାନ୍ତ 'ୱର୍ଲଡ ଅର୍ଡର' ବା 'ବିଶ୍ୱର ଧାରା'ରେ ପରିବର୍ତ୍ତନ ଘଟିବ । ଏଭଳି ସ୍ଥିତିରେ ମାସକ ପରେ ଏହି ଯୁଦ୍ଧ ଓ ତା'ର ପ୍ରଭାବ ଉପରେ ଦୃଷ୍ଟି ନିକ୍ଷେପ କରାଯିବାର ଆବଶ୍ୟକତା ରହିଛି । ଏହା ସୁବିଦିତ ଯେ ଏହି ଯୁଦ୍ଧରେ ଇସ୍ରାଏଲ ସହ ଯୋଗ ଦେବା ସପକ୍ଷରେ ଆମେରିକା ଦ୍ୱାରା ପ୍ରଦତ୍ତ କାରଣଟି ଥିଲା ଇରାନକୁ ଧର୍ମାନ୍ଧ ଓ ଏକଛତ୍ରବାଦୀ ଆୟୋତୋଲ୍ଲା ଶାସନ କବଳରୁ ମୁକ୍ତ କରିବା । ହୁଏତ ଧାରଣା ଥିଲା ଯେ ଏକ ବାହ୍ୟ ଆକ୍ରମଣ ହେବା ମାତ୍ରକେ ମୁକ୍ତି ଲାଗି ଉଦ୍ ?ଗ୍ରୀବ ଜନସାଧାରଣ ସଡ଼କକୁ ଓହ୍ଲାଇ ଆସି ଆୟୋତୋଲ୍ଲା ଶାସନକୁ ଭୂଲୁଣ୍ଠିତ କରି ପକାଇବେ ! ସେହି ପଥ ସୁଗମ କରିବା ଲାଗି ଇରାନର ସମସ୍ତ ଶୀର୍ଷ ସ୍ଥାନୀୟ ନେତୃ ମଣ୍ଡଳିକୁ ସୁନିର୍ଦ୍ଦିଷ୍ଟ ଭାବେ ହତ୍ୟା କରାଯାଇଥିଲା । ଗୋଟିଏ ମାସର ନିରନ୍ତର ବୋମା ମାଡ଼ ପରେ ଇରାନ କ୍ରମଶଃ ଏକ ଧ୍ୱଂସସ୍ତୂପରେ ପରିଣତ ହେବାରେ ଲାଗିଛି । ସେଠାରେ ଆୟୋତୋଲ୍ଲା ବିରୋଧୀ କ୍ଷୀଣତମ ସ୍ୱର ଶୁଭିବା ତ ଦୂରର କଥା, ଯାହା ଦୁର୍ବୋଧ୍ୟ ହୋଇ ପଡ଼ିଛି, ତାହା ହେଲା ଭଗ୍ନାବଶେଷ ତଳୁ ତୀବ୍ର ପାଲଟା ଆକ୍ରମଣ ଜାରି ରଖିବାର ସାମର୍ଥ୍ୟ ଏକ ମୁରବି-ବିହୀନ ଇରାନ ପାଉଛି କେଉଁଠୁ ? ଖୁବ୍ ? ସମ୍ଭବ ଯେ ପ୍ରାଚୀନ ପାରସ୍ୟ ସଭ୍ୟତା ଓ ଅଦ୍ୱିତୀୟ ବୀର 'ସାଇରସ ଦ ଗ୍ରେଟ'ଙ୍କ ସାହସର ସ୍ମୃତି କଣିକା ଏ ଯାବତ୍ ? ଇରାନୀ ଜନସମାଜର ଶୋଣିତରେ ପ୍ରବାହିତ ହେଉଛି, ଯଦ୍ୱାରା ନିଜ ଭୂଖଣ୍ଡର ସାର୍ବଭୌମତ୍ୱର ହନନ ସେମାନଙ୍କ ଲାଗି ଅକ୍ଷମଣୀୟ ହୋଇ ଉଠିଛି; ଯେଉଁ ସ୍ଥିତିରେ ଆୟୋତୋଲ୍ଲା ବିରୋଧୀ ଅସନ୍ତୋଷ ଅଗତ୍ୟା ମୂଲ୍ୟହୀନ ଭଳି ଦିଶୁଛି ! ତେଣୁ ବିଧିବଦ୍ଧ ଯୁଦ୍ଧ ବିରତି ସମ୍ଭବ ନ ହେଲେ ଏହି ଯୁଦ୍ଧ ପ୍ରଲମ୍ବିତ ହେବା ପ୍ରାୟ ନିଶ୍ଚିତ । ଏବେ ହୃଦ୍‌ବୋଧ ହେଉଛି ଯେ ହର୍ମୁଜ ପ୍ରଣାଳି ହେଉଛି ସେହି ନାଡ଼ି ଯାହାକୁ ଚିପି ଧରି ପୃଥିବୀକୁ ଶକ୍ତିହୀନ କରି ଦେବାର କ୍ଷମତା ଇରାନ ଠାରେ ଅଛି । ସେମିତି ଆରବ ରାଷ୍ଟ୍ରଗୁଡ଼ିକ ପ୍ରଥମ ଥର ଲାଗି ଇରାନୀ ଆକ୍ରମଣର ଶରବ୍ୟ ହେବା ପରେ ଅଗତ୍ୟା ସେମାନଙ୍କ ସାଞ୍ଜୁର ଛିଦ୍ର ଆବିଷ୍କାର କରି ମୁହ୍ୟମାନ ହୋଇଥିବେ । ମାସଟିଏ କାଳ ଇରାନ ପକ୍ଷରୁ ସଂଘଟିତ ଅତର୍କିତ କ୍ଷେପଣାସ୍ତ୍ର ଆଘାତ ସହିବା ପରେ ଅନ୍ତତଃ ଏତିକି ଜ୍ଞାନୋଦୟ ହୋଇଥାଇପାରେ ଯେ ନିଜ ନିଜ ଦେଶର ସୁରକ୍ଷା ଦାୟିତ୍ୱକୁ 'ଆଉଟ୍ ସୋର୍ସି' (ଆମେରିକା ହାତରେ) କରି ଦିଆଯିବା ଏକ ବଡ଼ ଧୃଷ୍ଟତା ! ନିଜ ରାଷ୍ଟ୍ରର ସୁରକ୍ଷା ସଂଦର୍ଭରେ ଦୁଇ ଧାପ ଆଗେଇ ଯାଇ ଉତ୍ତର କୋରିଆର ଶାସନ ମୁଖ୍ୟ କିମ ? ଜୋଙ୍ଗ ଉନ୍ ଗଲା ଶୁକ୍ରବାର ଦିନ, ତାଙ୍କ ସଂସଦରେ ଇରାନ-ଆମେରିକା ଯୁଦ୍ଧ ପରିପ୍ରେକ୍ଷୀରେ ପ୍ରଦାନ କରିଥିବା ବାର୍ତ୍ତାଟି ହେଲା, ପରମାଣୁ ଅସ୍ତ୍ରର ନିର୍ମାଣ ଓ ଭଣ୍ଡାର ସୃଷ୍ଟି ହେଉଛି ସାଂପ୍ରତିକ ସମୟର ଅନିବାର୍ଯ୍ୟତା, ଯଦ୍ୱାରା ଗୋଟିଏ ରାଷ୍ଟ୍ର ବାହ୍ୟ ଆକ୍ରମଣର ଆଶଙ୍କାରୁ ନିଷ୍କୃତି ପାଇବ ! ଅନେକ ବିଶେଷଜ୍ଞଙ୍କ ଅନୁମାନ ଯେ ଯୁଦ୍ଧର ଅବସାନ ପରେ ଇରାନର ଏକମାତ୍ର ଧ୍ୟେୟ ହୋଇପାରେ କଳେବଳେକେ ?ଶଳେ ପଣମାଣୁ ଅସ୍ତ୍ର ନିର୍ମାଣ ଓ ଧାରଣର ସାମର୍ଥ୍ୟ ଲାଭ । ତେଣୁ ହୁଏତ ଏଣିକି ପରମାଣୁ ନିରସ୍ତ୍ରୀକରଣ ପରିବର୍ତ୍ତେ ପରମାଣୁ ଆକ୍ରମଣ ରଚିବାର ସାମର୍ଥ୍ୟ ହିଁ ହେବ ପୃଥିବୀକୁ ଯୁଦ୍ଧର ସଂତ୍ରାସରୁ ମୁକ୍ତ ରଖିବାର ଉପାୟ । ଏହି ଯୁଦ୍ଧର ମାସକ ପରେ ଅନୁଭୂତ ହେଉଛି ଯେ ଯୁଦ୍ଧ ବିଧ୍ୱସ୍ତ ଇରାନରୁ ଅକଥନୀୟ ମାନବ ଟ୍ରାଜେଡି ସଂବଳିତ ସମ୍ବାଦର ପ୍ରବାହ ଅତ୍ୟନ୍ତ କ୍ଷୀଣ ! ଏଣେ, ଯୁଦ୍ଧ ନେଇ ତର୍କ ଓ ବ୍ୟାଖ୍ୟାନ ମୁଖର ଗଣମାଧ୍ୟମ ମଞ୍ଚସରେ ଆଲୋଚନାର ମୁଖ୍ୟ ବିଷୟବସ୍ତୁ ହୋଇଛି ଶକ୍ତି ସଂକଟ, ଟ୍ରମ୍ପଙ୍କ ବାଚାଳ ସୁଲଭ ବୟାନବାଜି, ଯୁଦ୍ଧର ସ୍ୱରୂପ ଓ ସମାପ୍ତି ନେଇ ବିଶେଷଜ୍ଞମାନଙ୍କ ଅସରନ୍ତି ଅନୁମାନ ଓ ଆକଳନ, ଡ୍ରୋନ ବା ଯୁଦ୍ଧ ବିମାନ ବା ବିଶେଷ ସାମରିକ ପ୍ରଯୁକ୍ତି ଇତ୍ୟାଦିକୁ ଘେନି ଜ୍ଞାନର ସଂପ୍ରେଷଣ ଇତ୍ୟାଦି ! ଭିଏତନାମ ଯୁଦ୍ଧ କାଳରେ ଆମେରିକୀୟ ସାମ୍ବାଦିକ ମୋର୍ଲି ସେଫରଙ୍କ ଦ୍ୱାରା ପ୍ରସ୍ତୁତ, 'ବର୍ନି ଅଫ କାମ୍ ନେ, ସାଉଥ ଭିଏତନାମ' ଶୀର୍ଷକ ଅତ୍ୟନ୍ତ ମର୍ମସ୍ପର୍ଶୀ କଳା-ଧଳା କ୍ଷୁଦ୍ର ଡକୁମେଟାଂରି (୧୯୬୫) ବା 'ଆସୋସିଏଟେଡ ପ୍ରେସ'ର ଫଟୋଗ୍ରାଫର ନିକ ଉଟ୍‌ଙ୍କ ଦ୍ୱାରା ୧୯୭୨ ମସିହାରେ ଉତ୍ତୋଳିତ ସେହି କିଂବଦନ୍ତୀୟ ଫଟୋଗ୍ରାଫ କାହିଁ, ଯାହା ଆମେରିକାରେ ଆମେରିକା ବିରୋଧୀ ଜନମତ ସୃଷ୍ଟି କରି ଭିଏତନାମ ଯୁଦ୍ଧରେ ଅବସାନ ଘଟାଇଥିଲା । ମୋର୍ଲିଙ୍କ ଭିଡିଓରେ ଦେଖିବାକୁ ମିଳିଥିଲା କିଭଳି ଜଣେ ଆମେରିକୀୟ ସେକ୍ସନିକ ତା' ସିଗାରେଟ ଲାଇଟରରେ ଭିଏତନାମୀ ଗାଁ (କାମ ନେ)ର ଛଣ ଛପର ଘରାଗୁଡ଼ିକୁ ଜାଳି ଦେବାରେ ବ୍ୟାପୃତ ! ନିକ ଉଟ୍‌ଙ୍କ ଫଟୋଟି ଥିଲା ନଅ ବର୍ଷ ବୟସ୍କା ଭିଏତନାମୀ ବାଳିକା ଫାନ ଥି କିମ ଫୁକଙ୍କର, ଯିଏ ନାପାମ ବୋମା ଆକ୍ରମଣରେ ଜଳୁଥିବା ତାଙ୍କ ଗାଁରୁ ପ୍ରାଣ ବିକଳରେ ପଳାୟନ କରୁଥିଲେ ! ଅନେକଙ୍କ ଅନୁମାନ ଯେ ସେଭଳି ସାମ୍ବାଦିକତାର ଯୁଗ ସମ୍ଭବତଃ ସମାପ୍ତ ପ୍ରାୟ ! ଅବଶ୍ୟ, ଇରାନ ବା ଲେବାନନରୁ ସ୍ଥାନୀୟ ସାମ୍ବାଦିକମାନେ ଯଥାସମ୍ଭବ ଯୁଦ୍ଧ ସଂକ୍ରାନ୍ତ ସମ୍ବା ?ଦ ପ୍ରେରଣ କରିବେ, କିନ୍ତୁ ହୁଏତ ସେ ସବୁର ବିଶେଷ ପ୍ରଭାବ ପଡ଼ିବ ନାହିଁ !; ଯେମିତି ଘଟି ସାରିଛି ଗାଜା ଆକ୍ରମଣ କାଳରେ, ସେଠାରୁ ଖବର ପଠାଇ ପଠାଇ ପରିଶେଷରେ ଗାଜାର ଧ୍ୱଂସ ସ୍ତୂପ ତଳେ ୨୦୦ରୁ ଅଧିକ ସାମ୍ବାଦିକ ନିଶ୍ଚିହ୍ନ ହୋଇଯିବା ସତ୍ତ୍ୱେ ! ଏବଂ ଅବସୋସର ବିଷୟ ହେବ, ଯେଉଁ ଶକ୍ତିଶାଳୀ ଗଣମାଧ୍ୟମଗୁଡ଼ିକ ପ୍ରଭାବ ସୃଷ୍ଟି କରିପାରନ୍ତେ, ସେମାନେ ୟୁଟ୍ୟୁବ ଓ ଇନଷ୍ଟଗ୍ରାମରେ ଉପଲବ୍ଧ ଫଟୋ ଓ ଭିଡ଼ିଓ ଦେଖାଇ ଏବଂ ନିଉଜରୁମ୍‌ରେ ତର୍କ-ବିତର୍କର ତଣ୍ଡି ତୋଫାନ ସୃଷ୍ଟି କରି ସନ୍ତୁଷ୍ଟ ରହିବେ ! ପୃଥିବୀ ପ୍ରାରମ୍ଭରୁ ଅସୁମାରି ଯୁଦ୍ଧ ଓ ତା'ର ବିଭୀଷିକା ଦେଖି ଆସିଥିଲେ ହେଁ ଯୁଦ୍ଧକୁ ନେଇ ସେହି ଚିରନ୍ତନ ମାର୍ମିକ ପ୍ରଶ୍ନର ଉତ୍ତର ଖୋଜିବାରେ ବେଳ ଅବେଳରେ ଘାରି ହୁଏ, ଯାହା ହେଲା, ଯୁଦ୍ଧରେ କିଏ ଜିତେ ? ଡୋନାଲ୍‌ଡ ଟ୍ରମ୍ପଙ୍କ ଅକ୍ଲାନ୍ତ ଉଚ୍ଚାଟ ଯେ ସେ ଏହି ଯୁଦ୍ଧ ଜିଣି ସାରିଛନ୍ତି ! ନୋବେଲ ପୁରସ୍କାର ବିଜେତା ଆମେରିକୀୟ ଲେଖକ ଅର୍ନେଷ୍ଟ ହେମିଂୱେ ଯୁଦ୍ଧ ସଂଦର୍ଭରେ ଲେଖିଥିଲେ ପ୍ରଖ୍ୟାତ ଉପନ୍ୟାସ 'ଫର ହୁମ ଦି ବେଲ ଟୋଲ୍‌ସ', ଅର୍ଥାତ୍ 'କାହା ଲାଗି ଘଣ୍ଟି ବାଜେ' ହେମିଂୱେ ସ୍ୱୟଂ ୟେସ୍ପେନୀୟ ସିଭିଲ ୱାର (ଗୃହଯୁଦ୍ଧ)ରେ ସାମ୍ବାଦିକତା କରିବା ସହିତ ଆମ୍ବୁଲାନ୍‌ସ ଡ୍ରାଇଭର ଭାବେ କାର୍ଯ୍ୟ କରିଥିଲେ । ଯୁଦ୍ଧ ଭୂମିରେ ତାଙ୍କ ପ୍ରତ୍ୟକ୍ଷ ଅନୁଭୂତି କାରଣରୁ ଏହି ଉପନ୍ୟାସ ଏକ ଅମ୍ଳାନ କୃତିରେ ପରିଣତ ହୋଇଛି । ହେମିଂୱେ ଏହି ପୁସ୍ତକର ନାମଟିକୁ ଆଣିଥିଲେ ପ୍ରଖ୍ୟାତ କବି ଜନ ଡନଙ୍କ ସୁପ୍ରସିଦ୍ଧ କବିତା 'ନୋ ମ୍ୟାନ ଇଜ ଆନ ଆଇଲାଣ୍ଡ'ର ଗୋଟିଏ ଧାଡ଼ିରୁ ! ଜନ ଡନଙ୍କ ଏହି ଅତ୍ୟନ୍ତ ହୃଦୟସ୍ପର୍ଶୀ କ୍ଷୁଦ୍ର କବିତା ପ୍ରତ୍ୟେକ ମନୁଷ୍ୟକୁ ତା' ସ୍ଥିତି ନେଇ ସଚେତ କରାଏ । କବିତାର ସାରମର୍ମଟି ଏହି ଭଳି: କୌଣସି ମନୁଷ୍ୟ ଗୋଟିଏ ଦ୍ୱୀପ ନୁହେଁ, ସେ ମାନବ ଜାତିର ଏକ ଅଂଶ । ତେଣୁ ପ୍ରତ୍ୟେକ ମନୁଷ୍ୟର ମୃତ୍ୟୁ ମୋତେ କ୍ଷୟ କରିଥାଏ । ତେଣୁ ଗୀର୍ଜାରେ ଯଦି ଘଣ୍ଟି ବାଜେ, ତେବେ ପଚାରି ପଠାଅ ନାହିଁ ଯେ କାହା ପାଇଁ ତାହା ବାଜୁଛି ! କାରଣ ଏହା ତୁମ ପାଇଁ ବାଜିଥିବ ଅବା ! କବିତାର ତାତ୍ପର୍ଯ୍ୟ ହେଲା, କାହାର ମୃତ୍ୟୁରେ ଗୀର୍ଜାରେ ବାଜୁଥିବା ଘଣ୍ଟିର ଶବ୍ଦ ତୁମକୁ ନିଜ ଅନିବାର୍ଯ୍ୟ ପରିଣତି ନେଇ ସଚେତ କରାଉ । ହେମିଂୱେ ତାଙ୍କ ଉପନ୍ୟାସର ନାମକରଣ ସକାଶେ କବିତାର ଏହି ଧାଡ଼ିଟିକୁ ବାଛିବାର ମୂଳ କାରଣଟି ଥିଲା ଦର୍ଶାଇବା ଯେ ଯୁଦ୍ଧ ମାତ୍ରକେ ଅର୍ଥହୀନ; କୌଣସି ଯୁଦ୍ଧରେ କାହାର ହେଲେ ବିଜୟ ଘଟି ନ ଥାଏ; ଯିଏ ବିଜୟୀ ବୋଲି ଦର୍ପୋନ୍ନତ ହୁଏ, ସେ ହୁଏତ ଶୁଣି ପାରି ନ ଥାଏ ଯେ ତା' ସକାଶେ ମଧ୍ୟ ଘଣ୍ଟି ବାଜୁଥାଏ ! ତେଣୁ ସେ ପଚାରିଚନ୍ତି, 'କାହା ଲାଗି ଘଣ୍ଟି ବାଜେ ?'

୭୮ତମ ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ ଉପଲକ୍ଷେ ପ୍ରସ୍ତୁତି ବୈଠକ

ଭୁବନେଶ୍ୱର: ଓଡ଼ିଶାର ରାଜଧାନୀ ଭୁବନେଶ୍ୱରର ୭୮ତମ ପ୍ରତିଷ୍ଠା ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ ଗୁରୁବାର ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ରାଜଧାନୀ ପ୍ରତିଷ୍ଠା ଦିବସ ସମାରୋହକୁ ଆନନ୍ଦ ଉଲ୍ଲାସର ସହ ପାଳନ କରିବାକୁ ସଂପୃକ୍ତ ବିଭିନ୍ନ ବିଭାଗ ଓ ଅନୁଷ୍ଠାନମାନଙ୍କୁ ସହଯୋଗ ପାଇଁ ମୁଖ୍ୟ ଶାସନ ସଚିବ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି । ଚଳିତ ବର୍ଷ ଏହି ଉତ୍ସବକୁ ଏପ୍ରିଲ ୧୩ ତାରିଖରେ ସ୍ୱତନ୍ତ୍ର ଭାବେ ଏବଂ ୧୪ ତାରିଖରେ ରାଜ୍ୟ ସରକାରଙ୍କ 'ଓଡ଼ିଆ ପକ୍ଷ ' ସହ ମିଳିତ ସମନ୍ୱୟରେ ପାଳନ କରାଯିବାକୁ ନିଷ୍ପତି ନିଆଯାଇଛି ।ଏହି ମହୋତ୍ସବରଆୟୋଜନ ନେଇ ବିଭିନ୍ନ କାର୍ଯ୍ୟକ୍ରମ ସଂପର୍କରେ ଭୁବନେଶ୍ୱର ମହାନଗର ନିଗମ କମିଶନର ଶ୍ରୀ ଚଂଳ ରାଣା ଉପସ୍ଥାପନ କରିଥିଲେ । ଭୁବନେଶ୍ୱର ସହରର ଐତିହ୍ୟ, ସଂସ୍କୃତି ଏବଂ ବିକାଶର ଧାରାକୁ ପ୍ରଦର୍ଶିତ କରିବା ସହ ଏହି ଦିବସକୁ ସ୍ମରଣୀୟ କରିବା ଉତ୍ସବ ଆୟୋଜନର ମୂଳ ଲକ୍ଷ୍ୟ ବୋଲି ବୈଠକରେ ଆଲୋଚନା କରାଯାଇଥିଲା ।ରାଜଧାନୀ ପ୍ରତିଷ୍ଠା ଦିବସ ଏପ୍ରିଲ ୧୩ ତାରିଖସକାଳେ ପିଏମଜି ଛକସ୍ଥିତ ରାଜଧାନୀ ପ୍ରତିଷ୍ଠା ଶିଳାନ୍ୟାସ ଫଳକରେ ପୁଷ୍ପମାଲ୍ୟ ଓ ପୁଷ୍ପଗୁଚ୍ଛ ଅର୍ପଣ କରାଯାଇ ଉତ୍ସବର ମୁଖ୍ୟ ଅତିଥିଙ୍କ ଦ୍ୱାରା ପ୍ରତିଷ୍ଠା ଦିବସ ପତାକା ଉତ୍ତୋଳନ କରାଯିବ । ଏହା ସହିତ ରବୀନ୍ଦ୍ର ମଣ୍ଡପରୁ ଜୟଦେବ ଭବନ ପର୍ଯ୍ୟନ୍ତ ଏକ ଆକର୍ଷଣୀୟ ବେସାମରିକ ପରେଡ୍ ଅନୁଷ୍ଠିତ ହେବ । ସେହପରି ଉତ୍ସବ ଉପଲକ୍ଷେ ଜୟଦେବ ଭବନଠାରେ ରାଜଧାନୀର ଐତିହ୍ୟ ଓ ଗୌରବକୁ ନେଇ ସୂଚନା ଓ ଲୋକ ସଂପର୍କ ବିଭାଗ ତରଫରୁ ଏକ ଫଟୋଚିତ୍ର ପ୍ରଦର୍ଶନୀଆୟୋଜନ କରାଯିବ । ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ପ୍ରାତଃ କାଳୀନ ପରେଡ୍ କାର୍ଯ୍ୟକ୍ରମଗୁଡ଼ିକୁ ସକାଳେ ନିର୍ଦ୍ଧାରିତ ସମୟ ସୁଦ୍ଧା ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଛାତ୍ରଛାତ୍ରୀମାନଙ୍କ ପାଇଁ ଯଥେଷ୍ଟ ପିଇବା ପାଣି, ଆବଶ୍ୟକ ଓଆରଏସ୍ ଏବଂ ଆନୁଷଙ୍ଗିକ ସୁବିଧା କରିବାକୁ ପରାମର୍ଶ ଦିଆଯାଇଛି । ୧୩ ତାରିଖ ସଂଧ୍ୟାରେ ଉତ୍କଳ ମଣ୍ଡପଠାରେ 'ରାଜଧାନୀ ଗୌରବ ସମ୍ମାନ' ପ୍ରଦାନ, ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କୃତ କରାଯିବା ସହ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ

Printed, Published,Edited and Owned by Prakash Kumar Dhal,Printed at Das Offset Printers,Uditnagar,Main Road,Rourkela, Dist. Sundargarh, orissa -769012 & Published at QR.No. ECR-73,Chhend Colony,Rourkela -15, Dist. Sundergarh, Orissa. ସଂପାଦକ: ପ୍ରକାଶ କୁମାର ଧଳ
Mobile : 9439951525,Email: utkalsamachar@gmail.com / utkalsamachar@rediffmail.com (ଏହି ଅଙ୍କରେ ପ୍ରକାଶିତ ସମସ୍ତ ଖବରର ଚୟନ ଏବଂ ସଂପାଦନା ପାଇଁ ପି.ଆର.ବି. ଆକ୍ଟ ଅନ୍ତର୍ଗତ ଉତରଦାୟୀ ସମସ୍ତ ବିବାଦ ରାଉରକେଲା ନ୍ୟାୟପାଳିକାର ଅଧୀନରେ ହିଁ ହେବ ।) Phone: 0661-2646999 Editor : Prakash Kumar Dhal
CITY OFFICE: B/204, SECTOR-16, ROURKELA, Pin :769003

ସମ୍ବଲପୁରରେ ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ ପାଳିତ

ସମ୍ବଲପୁର,୩/୪(ନି/ପ୍ର): ସମ୍ବଲପୁର ଜିଲ୍ଲା ପ୍ରଶାସନ ତଥା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ ମହାଆଡମ୍ବର ସହକାରେ ପାଳିତ ହୋଇଛି । ଏହି ପରିପ୍ରେକ୍ଷୀରେ ପ୍ରତ୍ୟୁଷ ୫.୩୦ ଘଟିକା ସମୟରେ ସହରର ମୁଖ୍ୟରାସ୍ତାରେ ଡାକବାଜି ଯନ୍ତ୍ର ମାଧ୍ୟମରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ରାମଧୂନ ପ୍ରଚାର କରାଯାଇଥିଲା । ଏହା ପରେ ମୁଖ୍ୟଅତିଥିଙ୍କ ସହ ପ୍ରଶାସନିକ ଅଧିକାରୀ ମାନେ ସହର ର ବିଭିନ୍ନ ସ୍ଥାନରେ ଅବସ୍ଥାପିତ ବରପୁତ୍ର ମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ଏହା ପରେ ଓଡ଼ିଶା ଦିବସ ପାଳନ ଅବସରରେ ତପସ୍ୱିନୀ କକ୍ଷ ଠାରେ ଜିଲ୍ଲାର ସମସ୍ତ ବରିଷ୍ଠ ଅଧିକାରୀ, ଶିକ୍ଷାବିତ୍, ବୁଦ୍ଧିଜୀବୀ, ଗଣମାଧ୍ୟମର ପ୍ରତିନିଧିଙ୍କୁ ସାମିଲ କରି ଓଡ଼ିଶା ଦିବସ ପାଳନର ତାତ୍ପର୍ଯ୍ୟ ଏବଂ ବରପୁତ୍ରମାନଙ୍କର ଅବଦାନ ସ୍ମରଣ କରିବା ଉଦ୍ଦେଶ୍ୟରେ ଏକ ସାଧାରଣ ସଭା ତପସ୍ୱିନୀ କକ୍ଷ ଠାରେ ଆୟୋଜନ କରାଯାଇଥିଲା । ଏହି ସାଧାରଣ ସଭାରେ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ବରେଣ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସୁଧାଂଶୁ କୁମାର ଭୋଇ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଶୋକ କୁମାର ଭୋଇ, ମହାନଗର ନିଗମ ଅଧକ୍ଷ ରେହାନ ଖତ୍ରୀ, ପ୍ରସନ୍ନ କୁମାର ପାତ୍ର ମୁଖ୍ୟ ଜିଲ୍ଲା ଉନ୍ନୟନ ଅଧିକାରୀ, କଲ୍ୟାଣୀ ଦାଶ ଉପନିର୍ଦ୍ଦେଶିକା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପ୍ରମୁଖ ଉପସ୍ଥିତ ଥିଲେ । ମୁଖ୍ୟ ଅତିଥି ଜିଲ୍ଲାପାଳ ଶ୍ରୀ ବୋନ୍ଦର ନିଜ ବକ୍ତବ୍ୟରେ କହିଥିଲେ ଓଡିଶା ଗଠନରେ ଭୂମିକା ଗ୍ରହଣ କରିଥିବା ବରପୁତ୍ର ମାନଙ୍କ ନିକଟରେ ନିଜକୁ ଚିରନମନୀୟ ବୋଲି କହିଥିଲେ । ଭାଷା ଭିତ୍ତିକ ରାଜ୍ୟ ରେ ଓଡିଶା ପ୍ରଥମ ଗଠନ ହୋଇ ଭାରତ ରେ ଅନ୍ୟ ରାଜ୍ୟଗଠନ ହେବାରେ ମାର୍ଗ ଦର୍ଶାଇଥିଲା ।

ସମ୍ବଲପୁର କୋର୍ଟ ପରିସରରେ ବୋମା ଆତଙ୍କ

ସମ୍ବଲପୁର,୩/୪(ନି/ପ୍ର): ସମ୍ବଲପୁର କୋର୍ଟ ପରିସରରେ ଗୁରୁବାର ପୁଣି ଥରେ ବୋମା ଆତଙ୍କର ଧମକ ମିଳିବା ପରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିଲା । ବମ୍ ଡିସ୍ପୋଜାଲ ସ୍କ୍ୱାର୍ଡ, ସନ୍ଧାନୀ କୁକୁର ସମଗ୍ର କୋର୍ଟ ପରିସରକୁ ତନଘନ ଯାଂଚ କରିଥିଲା । ଏପରିକି ଅଗ୍ନିଶମ ବାହିନୀ ମଧ ସମ୍ପୂର୍ଣ୍ଣ ସଜାଗ ରହିଥିଲା । ତେବେ ସମସ୍ତ ଯାଂଚ ପରେ କୌଣସି ସନ୍ଦେହ ଜନକ ସାମଗ୍ରୀ ମିଳିନଥିଲା । ଗତ କିଛି ଦିନ ଧରି ବିଭିନ୍ନ ସମୟରେ କୋର୍ଟ ପରିସରକୁ ବୋମାମାଡ଼ର ଟାର୍ଗେଟ ଥିବା ଧମକ ମିଳୁଥିବା ବେଳେ ଏହା ପଛରେ କେଉଁ ଅଦୃଶ୍ୟ ଅସାମାଜିକ ତତ୍ୱ ସମ୍ପୃକ୍ତ ତୁରନ୍ତ ଏହାର ତଦନ୍ତ କରି ଲୋକଲୋଚନକୁ ଆଣିବା ପାଇଁ ସାଧାରଣରେ ଦାବି ହୋଇଛି ।

ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟରେ ମନୋ-ସାମାଜିକ ସହାୟତା ଉପରେ ସଚେତନତାମୂଳକ କର୍ମଶାଳା

ଝାରସୁଗୁଡ଼ା,୩/୪(ନି/ପ୍ର): ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟ, ଝାରସୁଗୁଡ଼ା ଠାରେ "ମନୋ-ସାମାଜିକ ସହାୟତା" ବିଷୟରେ ଏକ ସଚେତନତାମୂଳକ ଓ ଉପଯୋଗୀ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହି କର୍ମଶାଳା ଛାତ୍ରଛାତ୍ରୀମାନଙ୍କ ମନୋସ୍ୱାସ୍ଥ୍ୟ ସଚେତନତା ବୃଦ୍ଧି ସହ ତାଙ୍କର ଦୈନନ୍ଦିନ ଜୀବନରେ ସମସ୍ୟାମାନଙ୍କୁ ସମ୍ଭାଳିବାର କ୍ଷମତା ବିକାଶରେ ଏକ ମୂଲ୍ୟବାନ ପଦକ୍ଷେପ ରୂପେ ପ୍ରମାଣିତ ହୋଇଛି । ମହାବିଦ୍ୟାଳୟର ଅଧକ୍ଷ ଗୋବିନ୍ଦ ଚନ୍ଦ୍ର ସାହୁ କାର୍ଯ୍ୟକ୍ରମରେ ଅଧକ୍ଷତା କରି ମନୋସ୍ୱାସ୍ଥ୍ୟ ରକ୍ଷାରେ ସାମାଜିକ ସମର୍ଥନର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ଜାତୀୟ ଯୁବ ରେଡକ୍ରସ୍ର ମୁଖ୍ୟ ଡ଼. ମନୀଷ କୁମାର ଦ୍ୱିବେଦୀ ସଂଯୋଜକ ଭାବରେ କାର୍ଯ୍ୟକ୍ରମକୁ ସୁଚାରୁ ଭାବେ ପରିଚାଳନା କରିଥିଲେ । ବିଶିଷ୍ଟ ବକ୍ତା ଭାବରେ ପୂର୍ବତନ ଅଧକ୍ଷା ଡ଼. ସ୍ନେହଲତା ମିଶ୍ର ଓ କୁଲାବିରା ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ପୁଣ୍ୟଶ୍ଳୋକ ଭାର୍ଗବ ଯୋଗଦାନ କରି ମନୋ-ସାମାଜିକ ସହାୟତାର ଆବଶ୍ୟକତା, ତାହାର ମୂଳ ଉପାଦାନ ଓ ପ୍ରାୟୋଗିକ ଦିଗ ସମ୍ପର୍କରେ ଗଭୀର ଆଲୋଚନା କରିଥିଲେ । ସେମାନେ କହିଥିଲେ ଯେ ଭାବନାତ୍ମକ ସମର୍ଥନ, ସାମାଜିକ ସମ୍ପର୍କ ଓ ପ୍ରାୟୋଗିକ ସହାୟତା ମାନସିକ ସୁସ୍ଥତା ପାଇଁ ଅତ୍ୟନ୍ତ ଆବଶ୍ୟକ । ଏହି କର୍ମଶାଳା ମାଧ୍ୟମରେ ଛାତ୍ରଛାତ୍ରୀମାନେ ମନୋ-ସାମାଜିକ ସହାୟତାର ମୂଳ ଧାରଣା ସହ ଏହାର ପ୍ରାୟୋଗିକ ପ୍ରୟୋଗ ବିଷୟରେ ସଚେତନ ହୋଇଥିଲେ, ଯାହା ତାଙ୍କର ଭବିଷ୍ୟତ୍ ଜୀବନରେ ଉପକାରୀ ହେବ ବୋଲି ଆଶା କରାଯାଉଛି । କାର୍ଯ୍ୟକ୍ରମର ଶେଷରେ ପ୍ରାଧାପକ ତପନ କୁମାର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ ।

ସଖୀବଟରେ ବିଶ୍ୱଶାନ୍ତି ମହାଯଜ୍ଞ

କେନ୍ଦ୍ରାପଡା,୩/୪(ନି/ପ୍ର): ଶ୍ରୀ ବଳଦେବ ସଂସ୍କୃତିର ଅନନ୍ୟ ପ୍ରାଚୀନ ପୀଠ ତଥା ସରକାରୀ ପର୍ଯ୍ୟଟନ ସ୍ଥଳୀ ଗୁପ୍ତକ୍ଷେତ୍ର ସଖୀବଟରେ ଗତ ଶ୍ରୀରାମ ନବମୀ ଠାରୁ ଆରମ୍ଭ ହୋଇଥିବା ଚତୁର୍ବିଂଶ କଳିକଲୁଷନାଶନ ବିଶ୍ୱଶାନ୍ତି ମହା ଯଜ୍ଞ ଗୁରୁବାର ଶେଷ ହୋଇଛି । ଗୌଡ଼ଗାଁ ମୌଜା ଅନ୍ତର୍ଗତ ବିଲବଳରାମପୁରସ୍ଥିତ ବିଶାଳ ବଟବୃକ୍ଷ ତଳେ ନୈସର୍ଗିକ ପରିବେଶରେ ମହାପ୍ରଭୁ ସିଦ୍ଧ ବଳଦେବଜୀଉଙ୍କ ସ୍ୱତନ୍ତ୍ର ପୂଜାବିଧି ସହ ଘୃତଯଜ୍ଞ, ସାନ୍ଧ୍ୟ ପ୍ରବଚନ, ଭଜନ ସମାରୋହ ଶ୍ରୀମଦ୍ ଭାଗବତ ପାରାୟଣ, ଚଣ୍ଡୀ ପାଠ, ରୁଦ୍ରାଭିଷେକ, ନାମଯଜ୍ଞ, ହରିହାଟ ଅନୁଷ୍ଠିତ ହୋଇଯାଇଛି । ଗୁରୁବାର ଯଜ୍ଞ ପୂର୍ଣ୍ଣାହୁତି ସମ୍ପନ୍ନ ହୋଇଥିଲା । କେନ୍ଦ୍ରାପଡ଼ା ଶିବାନନ୍ଦ ଆଶ୍ରମର ଅଧକ୍ଷା ଶ୍ରୀମା ଦିବ୍ୟ ସ୍ୱରୁପାନନ୍ଦ ସରସ୍ୱତୀ ଏହି ଯଜ୍ଞକୁ ଉଦ୍ଘାଟନ କରିଥିବାବେଳେ କେନ୍ଦ୍ରାପଡ଼ା ଏସ ଡିପିଓ ଜ୍ୟୋତି ରଂଜନ ଗୌଡ, ମାହାଳ ଜଗନ୍ନାଥ ମନ୍ଦିରର ଦେବଦାସୀ ମୋହିନୀ ମା' ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ । ଶେଷ ସନ୍ଧ୍ୟାରେ ଅତିଥିଭାବେ ବିଶିଷ୍ଟ ପାଣିପାଗ ଓ ଜଳବାୟୁ ବିଶେଷଜ୍ଞ ଡ଼. ଶରତ ସାହୁ,କେନ୍ଦ୍ରାପଡ଼ା ମୁଖ୍ୟାଳୟ ଉପ ଆରକ୍ଷୀ ଅଧକ୍ଷକ ସରୋଜ ସାହୁ, କ୍ରୀୟାଯୋଗୀ ସନ୍ଥ ସ୍ୱାମୀ ବିଶ୍ୱରୁପାନନ୍ଦ ଗିରି, ସୋଆ ବିଶ୍ୱ ବିଦ୍ୟାଳୟର ପ୍ରଫେସର୍ ଦୁର୍ଯ୍ୟୋଧନ ଜେନା ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ । ବିଭିନ୍ନ ସନ୍ଧ୍ୟାରେ ପ୍ରବଚନ ଓ ଭଜନ ସମାରୋହରେ ଭକ୍ତଙ୍କ ଭିଡ ଜମ୍ବି ଥିଲା । ପ୍ରତିଦିନ କାର୍ଯ୍ୟକ୍ରମକୁ ଟ୍ରଷ୍ଟ ବୋର୍ଡ ସଦସ୍ୟ ଇଂ ଅକ୍ଷୟ କୁମାର ପାଣି ଓ ଯଜ୍ଞକମିଟି ସଭ୍ୟ ପଣ୍ଡିତ ପ୍ରତାପ ପତି ସଂଯୋଜନା କରିଥିଲେ । ସଖୀବଟ ପରିସରରେ ସୋମବାର ପଦ୍ମିନୀ କେୟାର ମେଡିକାଲ କଲେଜ ପକ୍ଷରୁ ଏକ ନିଶୁଳ୍କ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା । ଟ୍ରଷ୍ଟବୋର୍ଡ ସଭାପତି ତଥା ମାର୍ଶାଘାଇ ତହସିଲଦାର ଶ୍ରୀକାନ୍ତ କୁମାର ପରିଜାଙ୍କ ତତ୍ତ୍ୱାବଧାନରେ ଯଜ୍ଞ କମିଟି ସଭାପତି ସମୀର ରଂଜନ ବିଶ୍ୱାଳଙ୍କ ସମେତ କୁଦାନଗରି ଥାନାଧିକାରୀ ଜଗନ୍ନାଥ ପାଣିଗ୍ରାହୀ, ବୈଷ୍ଣବ ଚରଣ ସ୍ୱାଇଁ, ଅଭୟ ପତ୍ରୀ, ରାମଚନ୍ଦ୍ର ପ୍ରଧାନ, ସୁଶାନ୍ତ ସାହାଣୀ ପ୍ରମୁଖ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଗୁରୁବାର ପୂର୍ଣ୍ଣାହୁତି, ହରିହାଟ, ନାମଯଜ୍ଞ, ଅଙ୍କୁର ପ୍ରଦକ୍ଷି ଣ ଆଦି କାର୍ଯ୍ୟକ୍ରମରେ ଦଶ ହଜାରରୁ ଅଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା ।

ଜିଲ୍ଲା ଯୋଜନା ବୋର୍ଡର ଅଧକ୍ଷ ହେଲେ ଟଙ୍କଧର ତ୍ରିପାଠୀ

ଝାରସୁଗୁଡା,୩/୪(ନି/ପ୍ର): ରାଜ୍ୟର ସମସ୍ତ ୩୦ଟି ଜିଲ୍ଲାରେ ବିକାଶମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ ସରକାର ପକ୍ଷରୁ ଜିଲ୍ଲା ଯୋଜନା କମିଟି ଅଧକ୍ଷମାନଙ୍କ ନୂତନ ତାଲିକା ଘୋଷଣା କରାଯାଇଛି । ଏହି ପରିପ୍ରେକ୍ଷିତରେ ଝାରସୁଗୁଡା ଜିଲ୍ଲା ପାଇଁ ବିଧାୟକ ଟଙ୍କଧର ତ୍ରିପାଠୀଙ୍କୁ ଜିଲ୍ଲା ଯୋଜନା ବୋର୍ଡର ଅଧକ୍ଷ ଭାବେ ମନୋନୀତ କରାଯାଇଛି । ଏହି ନିଯୁକ୍ତି ପରେ ଝାରସୁଗୁଡା ଜିଲ୍ଲାରେ ଖୁସିର ଲହରୀ ଦେଖିବାକୁ ମିଳିଛି । ସ୍ଥାନୀୟ ଲୋକମାନେ ଏହାକୁ ଜିଲ୍ଲାର ଉନ୍ନତି ପାଇଁ ଏକ ସକାରାତ୍ମକ ପଦକ୍ଷେପ ଭାବେ ଦେଖୁଛନ୍ତି । ଜିଲ୍ଲାର ମୁଖ୍ୟ ସମସ୍ୟାମାନଙ୍କ ସମାଧାନ, ବିଶେଷକରି ଶିଳ୍ପ ପ୍ରଦୂଷଣ ନିୟନ୍ତ୍ରଣ, ସ୍ୱାସ୍ଥ୍ୟ ସେବାର ସୁଧାର, ଶିକ୍ଷା କ୍ଷେତ୍ରରେ ନୂତନ ଯୋଜନା ପ୍ରସ୍ତୁତି ଏବଂ ସେଗୁଡିକର ସଠିକ୍ କାର୍ଯ୍ୟାନ୍ୱୟନରେ ଟଙ୍କଧର ତ୍ରିପାଠୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ ବୋଲି ଆଶା କରାଯାଉଛି ।

ଝାରସୁଗୁଡ଼ାରେ ୯୧ତମ ଓଡିଶା ପୋଲିସ ପ୍ରତିଷ୍ଠା ଦିବସ ପାଳିତ

ଝାରସୁଗୁଡା,୩/୪(ନି/ପ୍ର): ଝାରସୁଗୁଡା ଜିଲ୍ଲା ଦ୍ୱିତୀୟ ବାଟାଲିୟନ ପରେଡ୍ ଗ୍ରାଉଣ୍ଡରେ ଆଜି ୯୧ତମ ଓଡିଶା ପୋଲିସ ପ୍ରତିଷ୍ଠା ଦିବସ ସହ ଓଡିଶା ଦିବସ ଉତ୍ସାହ ଓ ଗରିମାର ସହିତ ପାଳନ କରାଯାଇଛି । ଝାରସୁଗୁଡା ପୋଲିସ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଏହି ଅବସରରେ ଓଏସଏପି ଦ୍ୱିତୀୟ ବାଟାଲିୟନର କମାଣ୍ଡାଂଟ ପ୍ରସାଦ ତମଙ୍ଗ ସମେତ ପୋଲିସର ବିଭିନ୍ନ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ । ପ୍ରଥମେ ସହିଦ ପୋଲିସ ଜବାନମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ସେମାନଙ୍କର ଅତୁଳନୀୟ ବଳିଦାନକୁ ସ୍ମରଣ କରାଯାଇଥିଲା । କାର୍ଯ୍ୟକ୍ରମରେ ଏସପି ରାଘବେନ୍ଦ୍ର କହିଥିଲେ ଯେ, ପୋଲିସ ବିଭାଗ ସଦା ଜନସେବା ଓ ସୁରକ୍ଷାକୁ ପ୍ରାଥମିକତା ଦେଇ କାମ କରିବ । ସେହିପରି ଜିଲ୍ଲାରେ ଆଇନ ଶୃଙ୍ଖଳାକୁ ସୁସ୍ଥ ରଖିବା ପାଇଁ ସମସ୍ତେ ସଚେତନ ଓ ପ୍ରତିବଦ୍ଧ ରହିବେ ବୋଲି ସେ ଉଲ୍ଲେଖ କରିଥିଲେ । ଶେଷରେ ଦେଶ ସେବାରେ ନିଯୁକ୍ତ ପୋଲିସ ବଳର ତ୍ୟାଗ ଓ ନିଷ୍ଠାକୁ ସମ୍ମାନ ଜଣାଇ କାର୍ଯ୍ୟକ୍ରମର ସମାପନ ହୋଇଥିଲା ।

ମାରାଗୁଡ଼ା ଲୋକମହୋତ୍ସବ-୨୦୨୬ ଉଦ୍‌ଘାଟିତ

ନୂଆପଡ଼ା,୩/୪(ନି/ପ୍ର): ନୂଆପଡ଼ା ଜିଲ୍ଲାର ଇତିହାସ, ଐତିହ୍ୟ, ଲୋକକଳା ଓ ସଂସ୍କୃତିର ମହାପାର୍ବଣ "ମାରାଗୁଡ଼ା ଲୋକମହୋତ୍ସବ-୨୦୨୬" ଆଜି ଭବ୍ୟ ମଶାଲ ଶୋଭାଯାତ୍ରା ସହ ଶୁଭାରମ୍ଭ ହୋଇଯାଇଛି । ସକାଳେ କଣାଭଏଁରା ମନ୍ଦିର ଓ ସାଲିହା ସ୍ମୃତି ସ୍ତମ୍ଭରୁ ମଶାଲ ଶୋଭାଯାତ୍ରା ଆରମ୍ଭ ହୋଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପହଚିଂ ଥିଲା । ପରେ ମଶାଲ ସହ ବିଶାଳ ସାଂସ୍କୃତିକ ଶୋଭାଯାତ୍ରା ଆୟୋଜିତ ହୋଇଥିଲା ଯାହା ମେଘା ହୋଟେଲ ମାର୍ଗ ହୋଇ ନେସନାଲ ମହାବିଦ୍ୟାଳୟ ପଡ଼ିଆରେ ପହଚିଂ ଥିଲା । ଏଥିରେ ବିଭିନ୍ନ ଦଳ ପକ୍ଷରୁ ଲୋକନୃତ୍ୟ ଓ ସାଂସ୍କୃତିକ ପ୍ରଦର୍ଶନୀ ଦେଖିବାକୁ ମିଳିଥିଲା । ଏହି ଅବସରରେ ଜିଲ୍ଲାପାଳ ମଧୁସୂଦନ ଦାଶ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅମ୍ରିତପାଲ ସିଂ, ବିଧାୟକ ଜୟ ଢ଼ୋଲକିଆ, ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତ, ସିଡିଓ ଲମ୍ବୋଦର ଧରୁଆ, ଉପଜିଲ୍ଲାପାଳ ସୁର୍ମୀ ସୋରେନ, ନୂଆପଡ଼ା, ଖଡିଆଳ , କୋମନା ବ୍ଲକ ଅଧକ୍ଷା, ଖରିଆର ରୋଡ ଏନ୍ ଏ ସି ଅଧକ୍ଷା, ଜିଲ୍ଲା ପରିଷଦ ସଭ୍ୟଙ୍କ ସହ ଅନ୍ୟାନ୍ୟ ନିର୍ବାଚିତ ଜନ ପ୍ରତିନିଧି, ବିଭିନ୍ନ ବିଭାଗର ଅଧିକାରୀ, ସମାଜସେବୀ, ଜନସାଧାରଣ ଲୋକ ଶୋଭାଯାତ୍ରାରେ ବହୁ ସଂଖ୍ୟାରେ ଯୋଗଦେଇଥିଲେ । ଶୋଭାଯାତ୍ରା ମହୋତ୍ସବ ସ୍ଥଳ ପହଁଚିବା ପରେ ମଁା ପୂଜନ ଓ ପତାକା ଉତ୍ତୋଳନ କାର୍ଯ୍ୟ ସମ୍ପନ୍ନ ହୋଇଥିଲା । ଏହାପରେ ନେସନାଲ ମହାବିଦ୍ୟାଳୟ ସଭାଗୃହରେ ଏକ ସାରସ୍ୱତ ସଭା ଓ ରାଜ୍ୟ ସ୍ତରୀୟ କବିତା ପାଠୋତ୍ସବ ଆୟୋଜିତ ହୋଇଥିଲା । ସନ୍ଧ୍ୟା ଘ. ୦୫.୩୦ ଟିକା ସମୟରେ ରାଜ୍ୟ ସ୍ତରୀୟ ପଲ୍ଲିଶ୍ରୀ ମେଳା ଉଦ୍ଘାଟିତ ହୋଇଥିବା ବେଳେ ପରେ ପରେ ସାଂସ୍କୃତିକ ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ମହୋତ୍ସବର ପ୍ରଥମ ଦିନରେ ଆୟୋଜିତ ଏହି ବିଭିନ୍ନ କାର୍ଯ୍ୟକ୍ରମ ଜିଲ୍ଲାବାସୀଙ୍କ ମଧ୍ୟରେ ବିପୁଳ ଉତ୍ସାହ ସୃଷ୍ଟି କରିଥିଲା । ସମଗ୍ର କାର୍ଯ୍ୟକ୍ରମରେ ହଜାର ହଜାର ଲୋକଙ୍କ ଭିଡ଼ ଦେଖିବାକୁ ମିଳିଥିଲା । ମାରାଗୁଡ଼ା ଅଂଚଳର ପୁରାତନ ଐତିହ୍ୟ ସହିତ ଜିଲ୍ଲାର ଲୋକକଳା ଲୋକସଂସ୍କୃତିକୁ ପ୍ରଚାର ପ୍ରସାର କରିବା ଉଦ୍ଦେଶ୍ୟରେ ଆୟୋଜିତ ଏହି ପାଁଚଦିନିଆ ମହୋତ୍ସବ ଏପ୍ରିଲ ୧ ରୁ ୫ ତାରିଖ ପର୍ଯ୍ୟନ୍ତ ନେସନାଲ ମହାବିଦ୍ୟାଳୟ ପଡ଼ିଆରେ ଚାଲିବ । ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ଜିଲ୍ଲାବାସୀଙ୍କୁ ଏହି ଲୋକମହୋତ୍ସବରେ ସକ୍ରିୟ ଭାବେ ଯୋଗଦେଇ ଏହାକୁ ସଫଳ କରିବାକୁ ଅନୁରୋଧ କରାଯାଇଛି ।

ଜିଲ୍ଲା ବ୍ରଜରାଜନଗର ବିଜୁ ଜନତା ଦଳ ପକ୍ଷରୁ ସ୍ଥାନୀୟ ବିଜୁ ପଟ୍ଟନାୟକ ଛକ ଠାରେ ବିଜେପି ସାଂସଦ ନିଶିକାନ୍ତ ଦୁବେ କୁଶପୁତଳିକା ଦାହ କରାଯାଇଛି

ଚୋରି ମାମଲାରେ ୨ ଗିରଫ

ଜୟପୁର,୩/୪(ନି/ପ୍ର): ଜୟପୁର ସହରର ବନ୍ଦ ଘରୁ ଚୋରି ହୋଇଥିବା ମାମଲାରେ ଟାଉନପୁଲିସ ଦୁଇଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି । ଜୟପୁର ପାୱାର ହାଉସ କଲୋନୀ ୭ମ ଗଳିରେ ଗତ ୧୭ ତାରିଖ ରାତିରେ ଘରେ ତାଲା ପଡିଥିବା ଦେଖି ଦୁର୍ବୃତମାନେ ଘର ଭିତରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି ହୋଇଥିବା ନେଇ ଟାଉନଥାନାରେ ଅଭିଯୋଗ ହୋଇଥିଲା । ପୁଲିସଙ୍କ କହିବାନୁଯାୟୀ ଚିନ୍ମୟୀ ମହାନ୍ତି ଲିଖିତ ଭାବେ ଅଭିଯୋଗ କରିଛନ୍ତି କି ତାଙ୍କ ଶାଶୁଘର ଲୋକେ ତାଲା ପକାଇ ଭୁବନେଶ୍ୱର ଯାଇଥିଲେ । ଘର ତାଲା ଭାଙ୍ଗି ଘର ଭିତରେ ଥିବା ୩୦ ଗ୍ରାମ ସୁନା, ନଗଦ ଟଙ୍କା ଓ ପିତଳ ଓ ତମ୍ବା ସାମଗ୍ରୀ ଚୋରି ହୋଇଥିବା ନେଇ ଅଭିଯୋଗ କରିଥିଲେ । ଅଭିଯୋଗକୁଭିତି କରି ଟାଉନ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରି ଅନୁସନ୍ଧାନ ଜାରି ରଖିଥିଲା ।

ଭୀମଗୁଡା ସରକାରୀ ବାଳିକା ଏସ୍ ଏସ୍ ଡି ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଉମରକୋଟ,୩/୪(ନି./ପ୍ର): ନବରଙ୍ଗପୁର ଜିଲା ଧୋଡ୍ରା ପାଖ ଭୀମାଗୁଡ଼ା ସରକାରୀ ବାଳିକା ଏସ୍ ଏସ୍ ଡି ଉଚ୍ଚ ବିଦ୍ୟାଳୟ ପରିସରରେ ବାର୍ଷିକ ଉତ୍ସବ ପାଳନ ଅବସରରେ ଅଭିଭାବକ ଅଭିଭାବିକା, ଶିକ୍ଷକ ଶିକ୍ଷୟିତ୍ରୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ରଞ୍ଜନ କୁମାର ବେହେରାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଝରିଗାଁ ବିଧାୟକ ନରସିଂଗ ଭତ୍ରା, ସ୍ୱତନ୍ତ୍ର ଅତିଥି ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ ପାଢ଼ୀ,ମୁଖ୍ୟବକ୍ତା ଭାବେ ମଙ୍ଗଳ ଅଧିକାରୀ ପାଲକା ରବୀନ୍ଦ୍ର , ସମ୍ମାନିତ ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମଧୁସୂଦନ ମାଝୀ,ତହସିଲଦାର ସୁମୁନ କୁମାର ପାତ୍ର,ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଶଙ୍କର ଭଦ୍ରକ୍ଷ, ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟ ସଦା , ପୂଜାରୀ, ଶନିଆ ଭଦ୍ରକ୍ଷ, ମାଧବ ପୂଜାରୀ, କୁଶ ଗାଉଁଟିଆ, ଚନ୍ଦ୍ର କେଉଟ, ଅଭିଭାବକଙ୍କ ମଧ୍ୟରୁ ମହେଶ୍ୱର ଭଦ୍ରକ୍ଷ, ଅଭିଭାବିକାଙ୍କ ମଧ୍ୟରୁ ଭାନୁମତି ମାଝୀ ପ୍ରମୁଖ ଉପସ୍ଥିତ ରହିଥିଲେ । ଆଗରୁ ଉକ୍ତ ବିଦ୍ୟାଳୟରେ ଏପରି ପାଠପଢ଼ା ହେଉ ନ ଥିବାବେଳେ ସମ୍ପୃକ୍ତ ପ୍ରଧାନଶିକ୍ଷକ ଶ୍ରୀ ବେହେରା ଆସିବା ପରଠାରୁ ଏପରି ହୋଇ ପାରିଛି ବୋଲି ଅଭିଭାବକ ଓ ଅଭିଭାବିକା ଦର୍ଶାଇଥିଲେ । ମୁଖ୍ୟ ଅତିଥି ପରିବେଶ, ମଂଚରେ ଛାତ୍ରୀଙ୍କ ଶୃଙ୍ଖଳିତ ବସିବା ଦେଖି ବେଶ୍ ଖୁସି ପ୍ରକଟ କରିଥିବାବେଳେ ସେ ଗ୍ରାମକୁ ଜନସାଧାରଣଙ୍କ ପାଖରେ ସରକାରୀ ଯୋଜନା ଉପରେ ଆଲୋଚନା କରିବା ପାଇଁ ଯାଇ ଚୌକିରେ ନ ବସି ଜନସାଧାରଣଙ୍କ ପାଖରେ ବସି ବନ୍ଧୁତା ଭାବେ ଆଲୋଚନା କରିବା ପାଇଁ ପସନ୍ଦ କରୁଥିବା ସୂଚନା ଦେଇଥିଲେ । କାର୍ଯ୍ୟକ୍ରମକୁ ଗୋଲାପ ସ୍ୱାଇଁ, ଟୁର୍କିର ଶତପଥି, ଭାବନା ଚିନାପା, ଦୀପକ ରଞ୍ଜନ ସାହୁ, ସୁରେଶ କୁମାର ନାୟକ, କ୍ଷୀରୋଦ କୁମାର ନାୟକ, ଅଞ୍ଜନା ରାଣୀ ଭୌମିକ, ସୁଜାତା ମଣ୍ଡଳ, ମାମାଲି, ଜଗଦୀଶ ପ୍ରଧାନୀ, ତୁନ ସୁନ୍ଦର ମଣି, ମହିଳା ପାଚିକାଙ୍କ ସହ ୧୧ ଜଣ ମହିଳା ପାଚିକା ସହଯୋଗ କରିଥିଲେ ।

ହଷ୍ଟେଲରେ ସପ୍ତମ ଶ୍ରେଣୀ ଛାତ୍ରୀଙ୍କ ମୃତ୍ୟୁ

ବୋରିଗୁମ୍ମା,୩/୪(ନି/ପ୍ର): କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକର ଏକ ଆଶ୍ରମ ବିଦ୍ୟାଳୟରେ ଆଜି ଏକ ଦୁଃଖଦ ଘଟଣା ଘଟିଛି । ହୋଷ୍ଟେଲ୍‌ରେ ରହି ପଢୁଥିବା ଜଣେ ସପ୍ତମଶ୍ରେଣୀ ଛାତ୍ରୀଙ୍କ ଅଚାନକ ମୃତ୍ୟୁକୁ ନେଇ ଅଚଂଳରେ ତୀବ୍ର ଉଦ୍‌ବେଗ ପ୍ରକାଶ ପାଇଛି । ଘଟଣାର ତଦନ୍ତ ନିମନ୍ତେ ପରିବାର ଓ ନିକଟସମ୍ପର୍କୀୟଙ୍କ ପକ୍ଷରୁ ଦାବି ହୋଇଛି । ନୂଆଗାଁ ଆଶ୍ରମ ବିଦ୍ୟାଳୟରେ ଆଜି ପୂର୍ବାହ୍ଣରେ ଜଣେ ୭ମ ଶ୍ରେଣୀ ଛାତ୍ରୀ ସୁବର୍ଣ୍ଣ ଅମନାତ୍ୟ (୧୩)ଙ୍କ ମୃତ୍ୟୁ ଘଟିଥିଲା । ପରିବାର ଲୋକଙ୍କ ଅଭିଯୋଗ ଅନୁସାରେ, ପୂର୍ବାହ୍ଣ ୯ଟାରେ ସେମାନଙ୍କୁ ସୁବର୍ଣ୍ଣଙ୍କ ସ୍ୱାସ୍ଥ୍ୟ ଖରାପ ରହିଛି ବୋଲି ସୂଚିତ କରାଯାଇଥିଲା । ଖବର ପାଇ ସେମାନେ ବିଦ୍ୟାଳୟରେ ପହଚିଂଥିଲେ । ଅସୁସ୍ଥ ଥିବା ସୁବର୍ଣ୍ଣଙ୍କୁ ଗାଡ଼ି ବ୍ୟବସ୍ଥା କରି ବୋରିଗୁମ୍ମା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ । ସେଠାରେ ଡାକ୍ତର ସୁବର୍ଣ୍ଣଙ୍କ ମୃତ୍ୟୁ ଘଟିଥିବା କହିଥିଲେ । ପରିବାର ଲୋକଙ୍କ ଅଭିଯୋଗ ଅନୁସାରେ ଚିକିତ୍ସା ସୁବିଧା ମିଳିନଥିବାରୁ ଏହି ଦୁଃଖଦ ଘଟଣା ଘଟିଛି । ଯଦି ଅସୁସ୍ଥ ହୋଇଥିବା ତୁରନ୍ତ ହସ୍‌ପିଟାଲ୍‌କୁ ନିଆଯାଇଥାନ୍ତା ତେବେ ସେ ବଚିଂ ଯାଇଥାନ୍ତେ । କିନ୍ତୁ ବିଦ୍ୟାଳୟ ପକ୍ଷରୁ ଏଭଳି କୌଣସି ତ୍ୱରିତ ପଦକ୍ଷେପ ନିଆଯାଇନଥିଲା ।

ହସ୍ତତନ୍ତ ପିନ୍ଧି ଓଡ଼ିଶା ବାସୀ ପାଳିଲେ 'ଆମ ପୋଷାକ ଆମ ପରିଚୟ' ଦିବସ

ଭୁବନେଶ୍ୱର, ୩/୪(ନି/ପ୍ର): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଏପ୍ରିଲ ୧ରୁ ୧୪ ତାରିଖ ପର୍ଯ୍ୟନ୍ତ ପାଳନ ହେଉଛି ଓଡ଼ିଆ ପକ୍ଷ । ଆଜି ଓଡ଼ିଆ ପକ୍ଷ ପାଳନର ଦ୍ୱିତୀୟ ଦିବସରେ ଓଡ଼ିଶା ବାସୀ ପାରମ୍ପରିକ ପୋଷାକ ପରିଧାନ କରି 'ଆମ ପୋଷାକ ଆମ ପରିଚୟ' ଅଭିଯାନରେ ସାମିଲ ହୋଇଛନ୍ତି । ହସ୍ତତନ୍ତ ଆମ ସାଂସ୍କୃତିକ ବିବିଧତା ଓ ଗୌରବମୟ ଐତିହ୍ୟର ପ୍ରତୀକ । ଓଡ଼ିଆ ଅସ୍ମିତାର ନିଚ୍ଛକ ନିଦର୍ଶନ । ଓଡ଼ିଶାର ପୁରପଲ୍ଲୀ ଠାରୁ ଆରମ୍ଭ କରି ରାଜଧାନୀ ଭୁବନେଶ୍ୱର ପର୍ଯ୍ୟନ୍ତ ସମସ୍ତ ଜନସାଧାରଣ ଆଜି ପାରମ୍ପରିକ ପୋଷାକ ପରିଧାନ କରି ବୟନ ଅସ୍ମିତାର ଏହି ମହାପର୍ବରେ ନିଜକୁ ସାମିଲ କରିଛନ୍ତି । ରାଜ୍ୟ ସରକାରଙ୍କ ଲୋକସେବା ଭବନ ଏବଂ ବିଭିନ୍ନ ବିଭାଗର ମୁଖ୍ୟାଳୟରେ କାର୍ଯ୍ୟ କରୁଥିବା ଅଧିକାରୀ ଓ କର୍ମଚାରୀମାନେ ଆଜି ହସ୍ତତନ୍ତ ଓ ପାରମ୍ପରିକ ପୋଷାକ ପରିଧାନ କରିଥିଲେ । ବିଭିନ୍ନ ଜିଲ୍ଲାରେ ଆଜି 'ଓଡ଼ିଶାର ହସ୍ତତନ୍ତ ଓ ବୟନ ଶିଳ୍ପ' ଶୀର୍ଷକକୁ ନେଇ ଆଲୋଚନା ଚକ୍ରର ଆୟୋଜନ କରାଯାଇଥିଲା । ହସ୍ତଶିଳ୍ପ ସାମଗ୍ରୀ ଏବଂ ପଟ୍ଟଚିତ୍ର ପ୍ରଦର୍ଶନୀ ଆୟୋଜନ କରାଯାଇ ଯୁବପିଢ଼ିଙ୍କୁ ଆମ ସମୃଦ୍ଧ ହସ୍ତତନ୍ତ, ବୟନଶିଳ୍ପ, ହସ୍ତଶିଳ୍ପ ଏବଂ ଚିତ୍ରକଳା ସମ୍ବନ୍ଧରେ ଅବଗତ କରାଯାଇଥିଲା । ଓଡ଼ିଶାର ହସ୍ତତନ୍ତକୁ ଝୋଟି, ଚିତା, ମୁରୁଜ ଆଦିରେ ଖୁବ ସୁନ୍ଦର ଭାବେ ପ୍ରଦର୍ଶିତ କରାଯାଇଥିଲା । ବୁଣାକାର ଏବଂ ତନ୍ତୁବାୟ ସହଯୋଗ ସମିତିର ସଦସ୍ୟ ଓ ସଦସ୍ୟାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏଥିସହ ଯୁବବର୍ଗ, ଛାତ୍ରଛାତ୍ରୀ, ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଦସ୍ୟ ଓ ସଦସ୍ୟାମାନେ ପାରମ୍ପରିକ ପୋଷାକ ପରିଧାନ କରି ନିଜର ସେଲ୍ଫି ଉଠାଇ ଏହାକୁ ଓଡ଼ିଆ ପକ୍ଷ ୱେବ୍‌ସାଇଟରେ ଅପଲୋଡ୍ କରିବା ସହ ନିଜର ଡିଜିଟାଲ ସାର୍ଟିଫିକେଟ ମଧ୍ୟ ଡ଼ାଉନଲୋଡ଼ କରିଥିଲେ । ପାରମ୍ପରିକ ପୋଷାକ ପରିଧାନ କରି ନିଜକୁ 'ଆମ ପୋଷାକ ଆମ ପରିଚୟ' ଅଭିଯାନରେ ସାମିଲ କରିବା ପାଇଁ ସମସ୍ତଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଥିଲା । ସୂଚନାଯୋଗ୍ୟ ଯେ, ଆସନ୍ତାକାଲି ଅର୍ଥାତ ଏପ୍ରିଲ ୩ ତାରିଖକୁ ମଧ୍ୟ 'ଆମ ପୋଷାକ ଆମ ପରିଚୟ' ଦିବସ ଭାବେ ପାଳନ କରାଯିବ । ଏପ୍ରିଲ ୪ ତାରିଖ ଦିନ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ 'ଖଡ଼ିଛୁଆଁ ଓ ପ୍ରବେଶ ଉତ୍ସବ' ଏବଂ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ପକ୍ଷରୁ 'ଓଡ଼ିଆରେ ନାମ ଫଳକ ଲେଖା ଅଭିଯାନ'ର ଆୟୋଜନ କରାଯିବ ।

ଶ୍ରୀ ପବନ ପୁତ୍ର ଆଖଡ଼ା କମିଟି ପକ୍ଷରୁ ବିଶାଳ ଶୋଭାଯାତ୍ରା :

ଖେଳାଳିମାନଙ୍କ ଦ୍ୱାରା ବାଡ଼ି ଖେଳ ସହ ଅନ୍ୟାନ୍ୟ ଖେଳ ପ୍ରଦର୍ଶନ

ରାଉରକେଲା, ୩/୪(ନି/ପ୍ର): ଗୁରୁବାର ଦିନ ଶ୍ରୀ ହନୁମାନ ଜୟନ୍ତୀ ଅବସରରେ, ଟିସିଆଇ ଛକ ରେଳ ଫାଟକ ସ୍ଥିତ ଶ୍ରୀ ପବନ ପୁତ୍ର ଆଖଡ଼ା କମିଟି ଦ୍ୱାରା ଏକ ବିଶାଳ ଶୋଭାଯାତ୍ରା ବାହାର କରାଯାଇଥିଲା । ଏହି ଶୋଭାଯାତ୍ରା ରେଳ ବ୍ରିଜ୍, ହାଇଟେକ୍ ହସ୍ପିଟାଲ ଛକ, ସିଭିଲ୍ ଟାଉନସିପ୍ ତାରିଣୀ ମନ୍ଦିର ଦେଇ ବିଳମ୍ବିତ ରାତିରେ ଟିସିଆଇ ଛକରେ ପହଁଚିଥିଲା । ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ ଆଖଡ଼ା କମିଟିର ସଭାପତି ପିଙ୍କୁ ଜୟସୱାଲ । ରୀତିନୀତି ଅନୁଯାୟୀ ହନୁମାନ ମନ୍ଦିରରେ ପ୍ରଭୁ ହନୁମାନଙ୍କୁ ପୂଜା କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା । ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ଏହି ଅବସରରେ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ସେ ଶ୍ରୀ ହନୁମାନଙ୍କୁ ପୂଜା କରି ଆଶୀର୍ବାଦ ନେଇଥିଲେ । ଏହି ଅବସରରେ ଖେଳାଳିମାନେ ଢୋଲ୍ ନଗଡା ଏବଂ ଡଙ୍କାର ତାଳେ ତାଳେ ସେମାନଙ୍କର ଦକ୍ଷତା ପ୍ରଦର୍ଶନ କରିଥିଲେ, ଯେଉଁଥିରେ ଲାଠି ଖେଳ, ଷ୍ଟିଲ୍ ପାଇପ୍ ରିଲେ ଖେଳ ସମେତ ଅନ୍ୟାନ୍ୟ ଖେଳ ପ୍ରଦର୍ଶନ କରି ଶୋଭାଯାତ୍ରାର ଶୁଭାରମ୍ଭ କରାଯାଇଥିଲା । ଏହି ଅବସରରେ ବିଜୁ ଜନତା ଦଳର ନଗର ସଭାପତି ଗଗନ ପଣ୍ଡା, ଶ୍ୟାମ ସୁନ୍ଦର ପଣ୍ଡା, ସମାଜସେବୀ ପଦ୍ମିନୀ ପାଣିଗ୍ରାହୀ, ରାଉରକେଲା ଚାମ୍ବର ଅଫ୍ କମର୍ସର ପୂର୍ବତନ ସଭାପତି ସୁନୀଲ କୟାଲ ଏବଂ ସହରର ବହୁ ପ୍ରତିଷ୍ଠିତ ବ୍ୟକ୍ତି ଅଂଶଗ୍ରହଣ କରିଥିଲେ । ଶୋଭାଯାତ୍ରା ସମୟରେ ସିଭିଲ୍ ଟାଉନସିପ୍ ଅଂଚଳର ସାମାଜିକ କର୍ମୀମାନଙ୍କ ଦ୍ୱାରା ସରବତ୍ ଏବଂ ଖାଦ୍ୟ ବଂଟନ କରାଯାଇଥିଲା । ରାମ ଦରବାର ସମେତ ଅନେକ ଢାଟାଂ ମଧ୍ୟ ଶୋଭାଯାତ୍ରାରେ ସାମିଲ ହୋଇଥିଲା, ନଗଡା ଏବଂ ସମଗ୍ର ଅଂଚଳ ଢୋଲ ବାଦ୍ୟରେ ପ୍ରକମ୍ପିତ ହୋଇଥିଲା । ଶ୍ରୀ ପବନ ପୁତ୍ର ଆଖଡ଼ା କମିଟିର ସାଧାରଣ ସମ୍ପାଦକ ରାଜେଶ ଶେଟ୍ଟି, ଉପାଧ୍ୟକ୍ଷ ସୁରେନ୍ଦ୍ର ଶେଟ୍ଟି, କୋଷାଧ୍ୟକ୍ଷ ଭୋଳା ଯାଦବ, ସଚିନ୍ ଦିଲୀପ୍ ତ୍ରିପାଠି, ଗୋବିନ୍ଦ ଶେଟ୍ଟି, ମନୋଜ ଶେଟ୍ଟି, ରାକେଶ ଶେଟ୍ଟି, ସଞ୍ଜୟ ଶେଟ୍ଟି, ମଦିନ ରଜକ, ଯୁଗ୍ମ ସମ୍ପାଦକ ଚିତ୍ତରଞ୍ଜନ ବେହେରା, ସୁରଜ ସାହୁ, ସନ୍ତୋଷ ଶେଟ୍ଟି, କରଣ ଶେଟ୍ଟିଏହିକାର୍ଯ୍ୟକ୍ରମକୁ ସଫଳ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ଶୋଭାଯାତ୍ରା ପାଇଁ ସିଭିଲ୍ ଟାଉନସିପରେ ଲୋକଙ୍କ ଭିଡ଼ ଦେଖିବାକୁ ମିଳିଥିଲା । ପୋଲିସ୍ ପ୍ରଶାସନ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା ।

ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ ପରିପ୍ରେକ୍ଷୀରେ ଛେଣ୍ଡ ମଣ୍ଡଳରେ ପ୍ରଶିକ୍ଷଣ ଶିବିର

ରାଉରକେଲା,୩/୪(ନି/ପ୍ର): ରାଜ୍ୟର ନିର୍ଦ୍ଦେଶ ଅନୁଯାୟୀ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ ରାଉରକେଲା ସାଂଗଠନିକ ଜିଲ୍ଲାର ରାଉରକେଲା ବିଧାନସଭାର ଛେଣ୍ଡ ମଣ୍ଡଳର ପ୍ରଶିକ୍ଷଣ ଶିବିର ମଣ୍ଡଳ ସଭାପତି ବଟକୃଷ୍ଣ ନାୟକଙ୍କ ତତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି । ଏହି ଦୁଇ ଦିନିଆ ଶିବିର ଏପ୍ରିଲ ୧ ଓ ୨ ତାରିଖ ଛେଣ୍ଡ ସ୍ଥିତ ଉମାଶଙ୍କର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା । ଉଦଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ସଭାପତି ପୂର୍ଣ୍ଣିମା କେରକେଟା ଯୋଗଦାନ କରି ପ୍ରଦୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରିଥିଲେ ଓ ଜିଲ୍ଲା ପ୍ରଭାରୀ ବଟକିଶୋର ମିଶ୍ର ମାର୍ଗଦର୍ଶନ କରିଥିଲେ । ଏହି ପ୍ରଶିକ୍ଷଣରେ ରାଜ୍ୟ ପ୍ରବକ୍ତା ଧୀରେନ୍ ସେନାପତି, ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ ଜଗବନ୍ଧୁ ବେହେରା, ଜିଲ୍ଲା ପ୍ରବକ୍ତା ଗଙ୍ଗାଧର ଦାଶ, ଜିଲ୍ଲା ଉପସଭାପତି ସତ୍ୟ ପ୍ରିୟ ସାହୁ, ଜିଲ୍ଲା ସମ୍ପାଦକ ପ୍ରଣତାପ ଦାସ, ସୋସିଆଲ ମିଡିଆ ସଂଯୋଜକ ନବୀନ ଗୁପ୍ତା ଆଦି ବିଭିନ୍ନ ବିଷୟ ଉପରେ ପ୍ରଶିକ୍ଷଣ ଦେଇଥିଲେ । ଜିଲ୍ଲା କୋଷାଧକ୍ଷ ସତ୍ୟପଦ ଶର୍ମା, ରୋଶନ ସାହୁ, ମଣ୍ଡଳ ପ୍ରଭାରି କମଳା କାନ୍ତ ବାରିକ, ମଣ୍ଡଳ ସାଧାରଣ ସମ୍ପାଦକ ଜେଟେଂଲ୍ ପରିଡ଼ା, ମହିଳା ମୋର୍ଚ୍ଚା ସଭାପତି ରୂପଶ୍ରୀ ଦାସ, ଉପସଭାପତି ଶରତ ସାହୁ, ବାବୁ ପରିଡ଼ା, ପଙ୍କଜ ପ୍ରସାଦ, ରମାକାନ୍ତ ପାଣ୍ଡେ, ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି ଅଭିରାମ ଦାସ, ମିନତି ଦେବତା , ରୋଶନ ସାହୁ , ଚାନ୍ଦା ଗିରି, ଅନୁପ ଜେନା, ସୁନୀଲ ପାଣ୍ଡେ, ସୁଶାନ୍ତ ନାୟକ, ରମାକାନ୍ତ ପାଣ୍ଡେଙ୍କ ସମେତ ବହୁ ଆପେଖିତ୍ କାର୍ଯ୍ୟକର୍ତ୍ତା ଉପସ୍ଥିତଥିଲେ ।

ଓଡ଼ିଆ ପକ୍ଷର ଦ୍ୱିତୀୟ ଦିବସରେ ଜିଲ୍ଲାରେ ପାରମ୍ପରିକ ପୋଷାକ ପରିଧାନ

ଆମ ପୋଷାକ ଆମ ପରିଚୟ

ସୁନ୍ଦରଗଡ଼,୩/୪(ନି/ପ୍ର):'ଓଡ଼ିଆ ପକ୍ଷ' ପାଳନର ଦ୍ୱିତୀୟ ଓ ତୃତୀୟ ଦିବସ ହେଉଛି ପାରମ୍ପରିକ ପୋଷାକ ପରିଧାନ କାର୍ଯ୍ୟକ୍ରମ 'ଆମ ପୋଷାକ ଆମ ପରିଚୟ'। ଏହି କ୍ରମରେ ଗୁରୁବାର ଦିନ ଜିଲ୍ଲାର ବିଭିନ୍ନ ସ୍ଥାନରେ ଏହି କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି । ଏହି ଅବସରରେ ଗୁରୁବାର ଦିନ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଡାକ୍ତର ଶୁଭଙ୍କର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ସୂରଜ କୁମାର ପଟ୍ଟନାୟକ, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ଅଭିମନ୍ୟୁ ମାଝୀ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଏବଂ କର୍ମଚାରୀମାନେ ଯୋଗ ଦେଇଥିଲେ । ସେହିଭଳି ସମସ୍ତ କାର୍ଯ୍ୟାଳୟ, ସମସ୍ତ ବ୍ଲକ, ସମସ୍ତ ତହସିଲ, ସମସ୍ତ ପୌର ପରିଷଦ ଅଂଚଳ ସହିତ ଅନ୍ୟାନ୍ୟ ଅଂଚଳରେ ମଧ୍ୟ ପାରମ୍ପରିକ ପୋଷାକ ପରିଧାନ କରାଯିବା ସହିତ 'ଆମ ପୋଷାକ ଆମ ପରିଚୟ' ସ୍ଲୋଗାନ ଦିଆଯାଇଥିଲା ।

ନିଖିଳ ଉତ୍କଳ କୈବର୍ତ୍ତ ସମାଜର ୨୬ତମ ବାର୍ଷିକ ସମ୍ମିଳନୀ

ହୀନମନ୍ୟତାକୁ ଦୂରେଇ ଐକ୍ୟବଦ୍ଧତାକୁ ଗୁରୁତ୍ୱ ଦେବାକୁ ହେବ: ଡ଼ ବେହେରା

ରାଉରକେଲା,୩/୪(ନି/ପ୍ର): ନିଖିଳ ଉତ୍କଳ କୈବର୍ତ୍ତ ସମାଜ ରାଉରକେଲା ତରଫରୁ ୨୬ତମ ବାର୍ଷିକ ସମ୍ମିଳନୀ ତଥା ଚୈତ୍ର ମହୋତ୍ସବ ସ୍ଥାନୀୟ ଭଞ୍ଜଭବନ ଠାରେ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ଅର୍ଜୁନ ଚରଣ ସାହୁ ଙ୍କ ସଭାପତିତ୍ୱ, ସାଧାରଣ ସମ୍ପାଦକ ଭ୍ରମରବର ବେହେରାଙ୍କ ଆବାହକତ୍ୱ ତଥା କାର୍ଯ୍ୟକାରୀ ସଭାପତି ନଟବର ବେହେରାଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନିଖିଳ ଓଡ଼ିଶା କୈବର୍ତ୍ତ ମହାସଭାର ସଭାପତି ତଥା ଶିକ୍ଷାବିତ ଡ଼ ଦେବେନ୍ଦ୍ରନାଥ ବେହେରା ମୁଖ୍ୟଅତିଥି, ରାଉରକେଲା ଇସ୍ପାତ କାରଖାନା ଅଫିସର ସଂଘର ସଭାପତି ତଥା ଆରଏସପିର ମହାପ୍ରବନ୍ଧକ ଇଂ ଅବକାଶ ବେହେରା ମୁଖ୍ୟବକ୍ତା ତଥା ଜର୍ଣ୍ଣାଲିଷ୍ଟ ଆସୋସିଏସନର ଉପସଭାପତି ତଥା କବି କୁଞ୍ଜବିହାରୀ ରାଉତ, ରାଉରକେଲା ୟୁକୋ ବ୍ୟାଙ୍କର ମୁଖ୍ୟ ପରିଚାଳକ ଜଗନ୍ନାଥ ବେରିହା, ଆରଏସପି ସହାୟକ ମହାପ୍ରବନ୍ଧକ ଦୀନବନ୍ଧୁ ସିଠ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲା ବେଳେ ଅନ୍ୟାନ୍ୟ ଅତିଥିଙ୍କ ମଧ୍ୟରେ ପ୍ରାକ୍ତନ ପୁଲିସ ଅଧିକାରୀ ଡ ସୁମନ ଦତ, କୈବର୍ତ୍ତ ସମାଜର ପ୍ରାକ୍ତନ ସଭାପତି ଜଗବନ୍ଧୁ ବେହେରା ଓ ଜଗନ୍ନାଥ ବେହେରା, କୁମୁଦ ବେହେରା, ପ୍ରମୋଦ ବେହେରା ପ୍ରମୁଖ ମଚାଂସୀନ ଥିଲେ । ଏହି ଅବସରରେ ମୁଖ୍ୟଅତିଥି ଡ଼ ବେହେରା ତାଙ୍କ ବକ୍ତବ୍ୟରେ କୈବର୍ତ୍ତ ସମାଜକୁ ଏକ ସାହାସିକ ଜାତି ଭାବେ ଅବହିତ କରି ମହର୍ଷି ପରାଶର, ମତ୍ସଗନ୍ଧା, ବ୍ୟାସଦେବଙ୍କ ସୃଷ୍ଟି, କଳିଙ୍ଗ ଯୁଦ୍ଧରେ କାରୁବାକୀଙ୍କ ଭୂମିକା, ନୌ ।ବାଣୀଜ୍ୟ ରେ କୈବର୍ତ୍ତ ମାନଙ୍କ ଭୂମିକା ସହ ହୀନମନ୍ୟତା ନରଖି ଐକ୍ୟବଦ୍ଧତା ଉପରେ ଗୁରୁତ୍ୱାରୋପ କରିଥିଲେ । ସମ୍ମାନିତ ଅତିଥି ଶ୍ରୀ ରାଉତ କୈବର୍ତ୍ତ ସମାଜର ସହରରେ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହ ସମସ୍ତଙ୍କ ମଧ୍ୟରେ ଭାଇଚାରା ବଜାୟ ରଖିବା ପାଇଁ ଆହ୍ୱାନ ଦେଇଥିଲେ । ମୁଖ୍ୟ ବକ୍ତା ଇଂ ବେହେରା କୈବର୍ତ୍ତ ସମାଜର ଐକ୍ୟବଦ୍ଧତା ପାଇଁ ସେ ନିର୍ବାଚନରେ ବିଜୟୀ ହୋଇଥିବାରୁ ସାଧୁବାଦ ଦେବାସହ ସମାଜର ପରମ୍ପରା ଓ ସଂସ୍କୃତି ଉପରେ ଆଲୋକପାତ କରିଥିଲେ । ସେହିପରି ଶ୍ରୀରାମଚନ୍ଦ୍ର ଙ୍କ ସହ କୈବର୍ତ୍ତଙ୍କ ଉପାଖ୍ୟାନ କହି ସମସ୍ତଙ୍କ ମନ ମୋହି ଥିଲେ । ପ୍ରାକ୍ତନ ସଭାପତି ଜଗନ୍ନାଥ ବେହେରା ଅନୁଷ୍ଠାନକୁ ଅଧିକ ସଂଗଠିତ କରିବା ପାଇଁ ଆହ୍ୱାନ ଦେଇଥିଲେ । ପ୍ରାରମ୍ଭରେ ସଭାପତି ଶ୍ରୀ ସାହୁ ସ୍ୱାଗତ ଭାଷଣ ସହ ଅତିଥିମାନଙ୍କ ପରିଚୟ ଓ ସାଧାରଣ ସମ୍ପାଦକ ଶ୍ରୀ ବେହେରା ସମ୍ପାଦକୀୟ ବିବରଣୀ ସହ କାର୍ଯ୍ୟକ୍ରମର ସଫଳତା ପାଇଁ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସମାଜର ବିଭିନ୍ନ ବ୍ୟକ୍ତିବିଶେଷଙ୍କୁ ଅତିଥି ମାନେ ସମ୍ମାନିତ କରିଥିଲେ । ପ୍ରାରମ୍ଭରେ ଅନୁଷ୍ଠାନର ସଦସ୍ୟାମାନଙ୍କ ଦ୍ୱାରା ଉତ୍କଳ ର ଜାତୀୟ ସଂଗୀତ ଓ ସମାଜର ଆରାଧ୍ୟା ଦେବୀ ମା ବାଶେଳୀ ଙ୍କ ଉଦ୍ଦେଶ୍ୟରେ ସଂଗୀତ ପରିବେଷଣ କରାଯାଇଥିଲା । ଏହି ଅବସରରେ ଅନୁଷ୍ଠାନର କିଛି ଦିବଙ୍ଗତ ଆତ୍ମାର ସଦଗତି କାମନା କରାଯାଇ ନୀରବ ପ୍ରାର୍ଥନା କରାଯାଇଥିଲା । ଶେଷରେ ବରିଷ୍ଠ ସଦସ୍ୟ ବନ୍ଧୁଆ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । କାର୍ଯ୍ୟକ୍ରମ ପରିଚାଳନାରେ ଅର୍ଚ୍ଚନା ସାହୁ, ଅଞ୍ଜନା ବେହେରାଙ୍କ ସମେତ ସମାଜର ବରିଷ୍ଠ କର୍ମକର୍ତ୍ତାମାନେ ସହଯୋଗ କରିଥିଲେ ।

ଆନ୍ତର୍ଜାତିକ ଧଉଳି କଳା ମହୋତ୍ସବରେ ରାଉରକେଲାର ୪ ଚିତ୍ରଶିଳ୍ପୀ ସମ୍ମାନିତ

ରାଉରକେଲା,୩/୪(ନି/ପ୍ର): ଚିତ୍ରକଳା ପ୍ରଦର୍ଶନୀ ଓ ଚିତ୍ର ଶିଳ୍ପୀ ସମ୍ମାନ ପ୍ରଦାନ ମହା ଆଡ଼ମ୍ବର ରେ ଗତ ଉଦଯାପିତ ହୋଇଯାଇଛି । ଏହି ଉଦଯାପନୀ ଉତ୍ସବ ରେ ରାଉରକେଲା ସାତ ନମ୍ବର ସେକ୍ଟରର କମ୍ୟୁନିଟି ସେଂଟର ଠାରେ ପରିଚାଳିତ ଜସପାଲ ସ୍ମୃତି ଚିତ୍ରାଳୟର ଅଧକ୍ଷ ଓ ଚିତ୍ରଶିଳ୍ପୀ ରମେଶ ଚନ୍ଦ୍ର ପାତ୍ର, ପ୍ରତାପ କୁମାର ପଟ୍ଟନାୟକ, ସସ୍ମିତା ପଟ୍ଟନାୟକ ଓ ସିଦ୍ଧାର୍ଥ ଶଙ୍କର ଜେନାଙ୍କୁ ସମ୍ମାନିତ କରାଯାଇଥିଲା । ଏହି କଳା ମହୋତ୍ସବ ରେ ଶ୍ରୀ ପାତ୍ର ଓ ଶ୍ରୀ ପଟ୍ଟନାୟକଙ୍କୁ 'ଓଡିଶା କଳା ସମ୍ମାନ'ରେ ସମ୍ମାନିତ କରାଯାଇଛି । ଏହି ଚାରିଜଣ ଚିତ୍ରଶିଳ୍ପୀ ଓଡିଶା ବ୍ୟତୀତ ଝାରଖଣ୍ଡ, ବିହାର, ପଶ୍ଚିମ ବଙ୍ଗର ବିଭିନ୍ନ ଚିତ୍ରକଳା ଶିବିର ଓ ପ୍ରଦର୍ଶନୀ ରେ ନିୟମିତ ଅଂଶ ଗ୍ରହଣ କରି ପ୍ରଶଂସିତ ହୋଇଛନ୍ତି । ଶ୍ରୀ ପଟ୍ଟନାୟକ ଓଡିଶା ଲଳିତକଳା ଏକାଡେମୀ ଓ କେନ୍ଦ୍ର ଲଳିତ କଳା ଏକାଡେମୀରେ ଅଂଶ ଗ୍ରହଣ କରି ମଧ୍ୟ ସମ୍ମାନିତ ହୋଇଛନ୍ତି । ଶ୍ରୀ ରମେଶ ଚନ୍ଦ୍ର ପାତ୍ର ଏକାଧାରାରେ ଚିତ୍ରଶିଳ୍ପୀ, କବି, ଲେଖକ, ଅନୁବାଦକ, ସାନ୍ତାଳୀ ଲେଖକ ଓ ସାନ୍ତାଳୀ ଭାଷା ସାହିତ୍ୟ ଗବେଷକ । ଶ୍ରୀ ପାତ୍ର ମଧ୍ୟ ବିଭିନ୍ନ ଅନୁଷ୍ଠାନ ଦ୍ୱାରା ସମ୍ମାନିତ ହୋଇଛନ୍ତି । ସସ୍ମିତା ପଟ୍ଟନାୟକ ଓ ସିଦ୍ଧାର୍ଥ ଶଙ୍କର ଜେନା ବିଭିନ୍ନ କଳା ଶିବିର ଓ ପ୍ରଦର୍ଶନୀ ରେ ଅଂଶ ଗ୍ରହଣ କରି ପ୍ରଶଂସିତ ଓ ସମ୍ମାନିତ ହୋଇଛନ୍ତି । ପଦ୍ମଶ୍ରୀ ଅଦୈତ ଚରଣ ଗଡ଼ନାୟକ, ବିଜେପି ରାଜ୍ୟ ସଂଯୋଜିକା ରବି ମହାରଣା ,ପଦ୍ମଶ୍ରୀ ବିନୋଦ ମହାରଣା, ଅଧକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ, ବିଭୁ ପ୍ରସାଦ ମିଶ୍ର, ଅଧ୍ୟାପକ ଚକ୍ରଧର ବେହେରା, ପ୍ରବୀର ଦଳାଇ, ଦିପ୍ତୀରେଖା ପଟ୍ଟନାୟକ, ଶ୍ୟାମ ସୁନ୍ଦର ମହାପାତ୍ର, ଗୌରାଙ୍ଗ ବାରିକ, କଳାମିତ୍ର ଫାଉଣ୍ଡେସନ ର ଅଧକ୍ଷ ଏମ ରମେଶ, ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ସହ ଅନେକ ଚିତ୍ରଶିଳ୍ପୀ ଓ କଳା ପ୍ରେମୀ ଉପସ୍ଥିତ ଥିଲେ କ୍ଷ ଧଉଳି କଳା ଓ ଚରୁକଳା ମହାବିଦ୍ୟାଳୟର ଅଧକ୍ଷ ଡ଼: ପଚାଂନନ ସାମଲ କଳାର ଉଦ୍ଦେଶ୍ୟ ଓ ଆବଶ୍ୟକତା ଆଭିମୁଖ୍ୟ ସମ୍ବନ୍ଧରେ ବ୍ୟାଖ୍ୟା କରିଥିଲେ ।

ବିଗତ ଆର୍ଥିକ ବର୍ଷର ସର୍ବୋତମ ପ୍ରଦର୍ଶନ ନିମନ୍ତେ କର୍ମଚାରୀମାନଙ୍କୁ ଅଭିନନ୍ଦନ ଜଣାଇବା ପାଇଁ ଭାରପ୍ରାପ୍ତ ନିର୍ଦ୍ଦେଶକଙ୍କ କାରଖାନାର ବିଭିନ୍ନ ବିଭାଗ ପରିଦର୍ଶନ

ରାଉରକେଲା,୩/୪(ନି/ପ୍ର): ସେଲ୍, ରାଉରକେଲା ଇସ୍ପାତ କାରଖାନାର ବିଗତ ଆର୍ଥିକ ବର୍ଷରେ ଚମତ୍କାର ପ୍ରଦର୍ଶନ ନିମନ୍ତେ କର୍ମଚାରୀଙ୍କୁ ଅଭିନନ୍ଦନ ଜଣାଇବା ପାଇଁ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ (ଡ଼ିଆଇସି) ଶ୍ରୀ ଆଲୋକ ବର୍ମା ଏପ୍ରିଲ ୨ ତାରିଖ ଦିନ ବିଭିନ୍ନ ବିଭାଗ ପରିଦର୍ଶନ କରିଥିଲେ । ତାଙ୍କ ସହିତ ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ତରୁଣ ମିଶ୍ର, କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ବିଶ୍ୱରଞ୍ଜନ ପଲ୍ଲାଇ, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଅନିଲ କୁମାର, ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ସୁଦୀପପାଲ ଚୌଧୁରୀ ମଧ୍ୟ ଉପସ୍ଥିତ ଥିଲେ । ଡ଼ିଆଇସି ବିଭିନ୍ନ ବିଭାଗରେ କର୍ମଚାରୀଙ୍କ ସହିତ ଆଲୋଚନା କରିଥିଲେ । ଆରଏସପି ର ବିଭିନ୍ନ ବିଭାଗର ସାମୁହିକଙ୍କୁ ସମ୍ବୋଧିତ କରି, ଶ୍ରୀ ବର୍ମା ଉନ୍ନତ ମିଲ୍ ବ୍ୟବହାରରେ ଉନ୍ନତି ସହ ଫର୍ଣ୍ଣେସ୍ ନିର୍ଭରଯୋଗ୍ୟତା ମାଧ୍ୟମରେ ଉତ୍ପାଦନ ଏବଂ ସାମଗ୍ରିକ କାର୍ଯ୍ୟଦକ୍ଷତାକୁ ଆହୁରି ବୃଦ୍ଧି କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ସେ ଆଉ ମଧ୍ୟ ନୂତନ କାଷ୍ଟର କାର୍ଯ୍ୟକ୍ଷମ ହେବା ସହିତ, କାରଖାନାର ବିକ୍ରୟଯୋଗ୍ୟ ଇସ୍ପାତ ଉତ୍ପାଦନ ବୃଦ୍ଧି, ନିର୍ଦ୍ଧାରିତ ଲକ୍ଷ୍ୟ ହାସଲ ଏବଂ ଉତ୍କର୍ଷର ନୂତନ ମାନଦଣ୍ଡ ସ୍ଥାପନ କରିବା ଉପରେ ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ । ଆର୍ଥିକ ବର୍ଷ ୨୫-୨୬ ପାଇଁ ଏବିପି ଲକ୍ଷ୍ୟଗୁଡ଼ିକର ରୂପରେଖା ବର୍ଣ୍ଣନା କରି, ଶ୍ରୀ ପଲାଇ ଆରଏସପି ସାମୂହିକଙ୍କୁ ସକାରାତ୍ମକ ମନୋଭାବ ସହିତ ଲକ୍ଷ୍ୟ ହାସଲ କରିବାକୁ ଉତ୍ସାହିତ କରିଥିଲେ । ସେ ଗତ ଆର୍ଥିକ ବର୍ଷରେ ସର୍ବୋତ୍ତମ ପ୍ରଦର୍ଶନ ଦେଇଥିବା ପ୍ରତ୍ୟେକ ବିଭାଗର ଅବଦାନ ଉପରେ ମଧ୍ୟ ଆଲୋକପାତ କରିଥିଲେ । ଡିଆଇସି ଏବଂ ଇଡି ବ୍ଲାଷ୍ଟ ଫର୍ଣ୍ଣେସ୍-୫, ଷ୍ଟିଲ୍ ମେଲ୍ଟିଂ ସପ୍-୨, ହଟ୍ ଷ୍ଟ୍ରିପ୍ ମିଲ୍-୨, ନୂତନ ପ୍ଲେଟ୍ ମିଲ୍ ଏବଂ ପ୍ଲେଟ୍ ମିଲ୍ ପରିଦର୍ଶନ କରିଥିଲେ, ଯେଉଁଠାରେ ସେମାନେ ବିଭାଗର କର୍ମଚାରୀମାନଙ୍କୁ ଭେଟିଥିଲେ ।

ଭାରତୀୟ ରେଲୱେ କ୍ୟାଟରିଂ ଏଣ୍ଡ ଟୁରିଜିମ୍ କର୍ପୋରେସନ ଲିମିଟେଡ ପକ୍ଷରୁ ଭାରତ ଗୌରବ ଟୁରିଷ୍ଟ ଟ୍ରେନ୍

ରାଉରକେଲା,୩/୪(ନି/ପ୍ର): ଭାରତୀୟ ରେଲୱେ କ୍ୟାଟରିଂ ଏଣ୍ଡ ଟୁରିଜିମ୍ କର୍ପୋରେସନ ଲିମିଟେଡ ପକ୍ଷରୁ ଭାରତ ଗୌରବ ଟୁରିଷ୍ଟ ଟ୍ରେନ ୨୦୨୬ ମେ ୧୧ ତାରିଖରୁ ୬ଟି ଜ୍ୟୋତିର୍ଲିଙ୍ଗ ଏବଂ ଶିରିଡି ଯାତ୍ରା ଅଭିମୁଖେ ବାହାରିବ ବୋଲି ଆଜି ରାଉରକେଲା ରେଲଷ୍ଟେସନର ୧ ନମ୍ବର ପ୍ଲାଟଫର୍ମରେ ଥିବା ଆଇଆରସିଟିସି, ରାଚିଂ ପକ୍ଷରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି । ଏହି ବିଶେଷ ଭାରତ ଗୌରବ ଟୁରିଷ୍ଟ ଇ.ଜେଡ୍.ବି.ଜି. ୩୦ ଟ୍ରେନ୍ ଝାରସୁଗୁଡ଼ାରୁ ୨୦୨୬ ମେ ୧୧ ତାରିଖ ଠାରୁ ଆରମ୍ଭ ହୋଇ ୧୧ ରାତି ୧୨ ଦିନ ୬ଟି ଜ୍ୟୋତିର୍ଲିଙ୍ଗ ଏବଂ ଶିରିଡି ଯାତ୍ରା ଅଭିମୁଖେ ବାହାରି ଭାରତର ପ୍ରମୁଖ ଜ୍ୟୋତିର୍ଲିଙ୍ଗ ଏବଂ ପ୍ରସିଦ୍ଧ ମନ୍ଦିର ଦର୍ଶନ କରାଇବ ବୋଲି ସୂଚନା ଦିଆଯାଇଛି । ଏହି ପ୍ରସିଦ୍ଧ ତୀର୍ଥ ଓ ଦର୍ଶନୀୟ ସ୍ଥଳ ମଧ୍ୟରେ ଉଜ୍ଜୟନୀର ଶ୍ରୀ ମହାକାଳେଶ୍ୱର ଜ୍ୟୋତିର୍ଲିଙ୍ଗ ଏବଂ ଓଁକାରେଶ୍ୱର ଜ୍ୟୋତିର୍ଲିଙ୍ଗ, ସୋମନାଥରେ ଶ୍ରୀ ସୋମନାଥ ଜ୍ୟୋତିର୍ଲିଙ୍ଗ, ଦ୍ୱାରକାରେ ଶ୍ରୀ ଦ୍ୱାରକାଧୀଶ ମନ୍ଦିର ଓ ଶ୍ରୀ ନାଗେଶ୍ୱର ଜ୍ୟୋତିର୍ଲିଙ୍ଗ, ଶିରିଡିରେ ଶ୍ରୀ ସାଇ ଦର୍ଶନ, ନାଶିକରେ ଶ୍ରୀ ଶ୍ୱ୍ୟେଂକେଶ୍ୱର ଜ୍ୟୋତିର୍ଲିଙ୍ଗ, ଔରଙ୍ଗାବାଦରେ ଶ୍ରୀ ଧୃଷ୍ଣେଶ୍ୱର ଜ୍ୟୋତିର୍ଲିଙ୍ଗ ଇତ୍ୟାଦି । ଏହି ଯାତ୍ରା ଭାରତ ସରକାରଙ୍କ 'ଦେଖୋ ଆପନା ଦେଶ' ଏବଂ 'ଏକ ଭାରତ ଶ୍ରେଷ୍ଠ ଭାରତ' ଅଭିଯାନରେ ଆୟୋଜିତ କରାଯାଉଛି ବୋଲି ଆଇଆରସିଟିସି ପକ୍ଷରୁ ସୂଚନା ଦିଆଯାଇଛି । ଏହି ଅଭିଯାନର ଉଦ୍ଦେଶ୍ୟ ଘରୋଇ ପର୍ଯ୍ୟଟନକୁ ବଢାଇବା ଏବଂ ସାଂସ୍କୃତିକ ଏକତାକୁ ପ୍ରୋତ୍ସାହିତ କରିବା ତଥା ଦେଶର ବିଭିନ୍ନ କ୍ଷେତ୍ରରେ ନାଗରିକଙ୍କୁ ଭାବନାତ୍ମକ ଭାବରେ ଯୋଗ କରିବା । ଆଇଆରସିଟିସି ପକ୍ଷରୁ ସୂଚନା ଦିଆଯାଇଛି ଯେ ହୋଟେଲରେ ରହିବା ସ୍ଥାନ ମଧ୍ୟରେ ରହିଛି ଝାରସୁଗୁଡ଼ା, ରାଉରକେଲା, ରାଚିଂ, ବୋକାରୋ, ହଜାରିବାଗ, କୋଡରମା, ଗୟା, ରାଜଗୀର, ବିହାର ଶରିଫ, ପାଟନା, ବକ୍ସର, ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ଜଂକସନ୍ । ଏହି ତୀର୍ଥଯାତ୍ରା ପାଇଁ ପ୍ରତି ଯାତ୍ରୀଙ୍କ ପାଇଁ ଶୟନ ବା ସ୍ଲିପର କ୍ଲାସ୍(ନନ୍ ଏସି)ରେ ଦେୟ ୨୩,୩୧୫ ଟଙ୍କା । ତୃତୀୟ ଏସି ପାଇଁ ଦେୟ ୪୧,୫୭୦ ଟଙ୍କା ଏବଂ ଦ୍ୱିତୀୟ ଏସି ପାଇଁ ଦେୟ ୫୦,୪୧୦ ଟଙ୍କା ଦେବାକୁ ପଡିବ ବୋଲି ଆଇଆରସିଟିସି ପକ୍ଷରୁ ଏହି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି ।